# ଆଠମଲ୍ଲିକରେ ପ୍ରଣବ ପ୍ରକାଶ ଓ ନଳିନୀଙ୍କ ଜୋରଦାର ପ୍ରଚାର









**ଆଠମଲ୍ଲିକ, ୧୦।୪(ସମିସ)**

ବିଜୁ ଜନତା ଦଳର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି) ବୁଧବାର ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ତାଙ୍କର ପ୍ରଥମ ନିର୍ବାଚନୀ ଗସ୍ତ କରିଥିଲେ। ବଇଣ୍ଠା ଛକ ନିକଟରେ ପ୍ରଣବ ପ୍ରକାଶ ପହଞ୍ଚିବା ପରେ ସେଠାରେ ବିଜୁ ଜନତା ଦଳର ଆଠମଲ୍ଲିକ ବିଧାନସଭା ପ୍ରାର୍ଥୀ ଇଂ. ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରିନ୍ଦ୍ରି ପ୍ରଧାନ, ସରପଞ୍ଚ, ସମିତିସଭ୍ୟ/ସଭ୍ୟା, କିଶୋରନଗର ବ୍ଲକ ଛାତ୍ର, ଯୁବ ସଂଗଠକ, ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସମେତ ହଜାର ହଜାର ବିଜେଡି ନେତା ଓ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେଠାରୁ ଏକ ବିରାଟ ରୋଡ ଶୋ'ରେ ପ୍ରଣବ ପ୍ରକାଶ ଆଠମଲ୍ଲିକ ସହରର ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ସେଠାରେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ନିର୍ବାଚନ ମଣ୍ଡଳୀର ଯୁବ ସଂଗଠକ ମହେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ସଭାପତି ମହେଶ୍ୱର ଦେହୁରୀ, ଆଠମଲ୍ଲିକ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସ, ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁଙ୍କ ସମେତ ହଜାର ହଜାର କର୍ମୀ ପ୍ରଣବ ପ୍ରକାଶଙ୍କୁ ସ୍ୱାଗତ କରିଥିଲେ। ବସଷ୍ଟାଣ୍ଡ ନିକଟରୁ ଚାଲିଚାଲି ଆସି ଗଣେଶ ବଜାର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପ୍ରଣବ ପ୍ରକାଶ ମାଲ୍ୟାର୍ପଣ କରିଥିଲେ। ଏନଏସି ଛକ ନିକଟରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରୁ ପ୍ରଣବ ୫ ଶହରୁ ଊର୍ଦ୍ଧ୍ୱ କାର୍ ଶୋ'ରେ ଦରୁହା ଠାରେ ଥିବା ମା ବିନିକେୟୀ ଶକ୍ତିପୀଠ ନିକଟରେ ପହଞ୍ଚିଥିଲେ। ମା' ବିନିକେୟୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ସେଠାରେ ଉପସ୍ଥିତ ୧୦ ହଜାରରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳର କର୍ମୀ ଓ ନେତାଙ୍କୁ ନିର୍ବାଚନୀ ଉଦବୋଧନ ଦେଇଥିଲେ ପ୍ରଣବ ପ୍ରକାଶ ଦାସ। ବିଧାନସଭା ପ୍ରାର୍ଥୀ ନଳିନୀ ଓ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଏହା ଥିଲା ବିରାଟ ଶକ୍ତି ପ୍ରଦର୍ଶନ ବୋଲି ସାଧାରଣରେ ଆଲୋଚନା ହେଉଛି।

## ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧନା



**କିଶୋରନଗର / ବଇଣ୍ଠା, ୧୦।୪(ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ବିକାଶ କରିଛନ୍ତି, ଆଜି ତାହା ପ୍ରତ୍ୟେକ ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଅନ୍ୟଦଳର ନେତା କେବଳ ବଡ଼ ବଡ଼ କଥା କହିବା ସହ ସମାଲୋଚନା କରନ୍ତି। ନବୀନ ପଟ୍ଟନାୟକ ତାହା ନ କରି ଲୋକେ କିଭଳି ସବୁ ସୁବିଧା ପାଇବେ ସେ ନେଇ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରନ୍ତି। କିନ୍ତୁ କେନ୍ଦ୍ରର ଅନେକ ଯୋଜନା ରାଜ୍ୟରେ ସଠିକ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଶେଷ କରି ୫୫ ନମ୍ବର ଜାତୀୟ ରାଜପଥ କାମ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ସମାପ୍ତ ହୋଇପାରୁନାହି। ଏହି ଜିଲ୍ଲାରୁ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲେ ମଧ୍ୟ କାମ କରିପାରୁନାହାନ୍ତି। ଓଡ଼ିଶାରେ ପୁଣି ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଠା ଠାରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଏମପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି ) କର୍ମୀମାନଙ୍କୁ କହିଛନ୍ତି। ତାଙ୍କୁ ବିଜେଡି ପକ୍ଷରୁ ବଇଣ୍ଠା ଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଣବ ଏଠାରେ ଅଟକିବା ପରେ ଗାଡ଼ିରୁ ଓହ୍ଲାଇ ଲୋକଙ୍କ ସହ ମିଶିବା ସହ ବିଜେଡିକୁ ସହଯୋଗ କରିବା ସହ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ପାଇଁ କହିଥିଲେ। ବହୁ ସଂଖ୍ୟାରେ କର୍ମୀ ଯୋଗଦେଇ ତାଙ୍କୁ ଆଠମଲ୍ଲିକ ମାଟିକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ମାନସ ସାହୁ, ତପନ ସାହୁ, ସୁନିଲ ବିଶ୍ୱାଳ, ଜିତେନ୍ଦ୍ର ବେହେରାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ପିଲା ଚୋରିକୁ ନେଇ ଉତ୍ତେଜନା

**ବଇଣ୍ଠା, ୧୦।୪(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ପିଲା ଚୋରି ଆତଙ୍କ ଦେଖାଦେଇଛି। ବୁଧବାର କୃତିବାସପୁର ପଞ୍ଚାୟତ ଭାଗିରଥିପୁର ଗ୍ରାମର ଜଣେ ନାବାଳିକା ଛାତ୍ର ଓ ଜଣେ ଛାତ୍ରୀଙ୍କୁ ବାଇକରେ ବସାଇ ନେଇଯାଉଥିବା



ବେଳେ ଅଞ୍ଚଳବାସୀ ଚୋରକୁ କାବୁକରିବା ସହ ପୁଲିସ ଜିମା ଦେଇଛନ୍ତି। କିଛିଦିନ ହେବ ଏହି ଅଞ୍ଚଳରେ ଚୋରମାନେ ସକ୍ରିୟ ହୋଇ ପଡିଛନ୍ତି। ବିଶେଷ କରି ଅନ୍ୟ ଜିଲ୍ଲାରୁ କିଛି ଅସାମାଜିକ ଯୁବକ ଆସି ଏହି ଅଞ୍ଚଳରେ ରହିବା ସହ ଚୋରି କରୁଥିବା ଅଭିଯୋଗ ହୋଇଛି। ବୁଧବାର ଭାଗିରଥିପୁର ଅଞ୍ଚଳର ୨ ଜଣ ଛାତ୍ରୀଛାତ୍ର ସ୍କୁଲରୁ ପାଠପଢ଼ି ଘରକୁ ଫେରୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ରତମା ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ ନାମକ ଜଣେ ଯୁବକ ବାଇକ ଯୋଗେ ଆସି ଉକ୍ତ ୨ ଜଣଙ୍କୁ ଘରେ ଛାଡ଼ିଦେବାକୁ କହି ବସାଇ ନେଉଥିଲେ। କୃଷ୍ଣ ଚନ୍ଦ୍ର ଉକ୍ତ ୨ ଜଣ ଛାତ୍ରୀଛାତ୍ରଙ୍କୁ ତାଙ୍କ ଘର ନିକଟରେ ନ ଛାଡି ଦ୍ରୁତଗତିରେ ସମ୍ବଲପୁର ଅଭିମୁଖେ ନେଇଯାଉଥିବା ବେଳେ ସେମାନେ ଜୋରରେ ପାଟି କରିଥିଲେ। ପରେ ଅଞ୍ଚଳର କିଛି ଯୁବକ ଦେଖିବା ପରେ କୃଷ୍ଣଙ୍କୁ ପିଛାକରି କାବୁ କରିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପରେ କାବୁ କରାଯାଇଥିବା କୃଷ୍ଣଙ୍କୁ ଗ୍ରାମକୁ ଆଣିବା ପରେ ପୁଲିସ ଜିମା ଦେଦିଆଯାଇଥିଲା। ଏହି ଘଟଣାକୁ ନେଇ ଠାକୁରଗଡ଼ ଥାନା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଅନେକ ଅଭିଭାବକ ସେମାନଙ୍କ ଶିଶୁଙ୍କୁ ଘରେ ତାଲା ପକାଇ ରଖୁଥିବା ଜଣାପଡିଛି। ଏ ଖବର ପାଇବା ପରେ ପୁଲିସ ଘଟଣାସ୍ଥ କୁ ଯାଇ କୃଷ୍ଣଙ୍କୁ ଉଦ୍ଧାର କରିବା ସହ ଅଟକ ରଖି ପଚାରାଉଚରା କରୁଛି।

■ ଜଳଯୋଗାଣ ପ୍ରକଳ୍ପ ଅଚଳ

## ୫ ଦିନ ହେଲା ଧଉରାପାଲ୍ଲୀ ଗ୍ରାମବାସୀ ହନ୍ତସନ୍ତ

**କିଶୋରନଗର, ୧୦।୪(ସମିସ):** ଖରାଦିନେ କିଶୋରନଗର ବ୍ଲକରେ ପିଇବା ପାଣିର ଘୋର ଅଭାବ ଦେଖିବାକୁ ମିଳିଛି। ଏହି ବ୍ଲକର ଧଉରାପାଲ୍ଲୀ ଗ୍ରାମରେ ପିଇବା ପାଣିର ଘୋର ଅଭାବ ଦେଖିବାକୁ ମିଳିଛି। ଗ୍ରାମରେ ଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ଉପରେ ପିଇବା ପାଣି ପାଇଁ ସମସ୍ତେ ନିର୍ଭର କରିଥାନ୍ତି। ହେଲେ କୌଣସି କାରଣରୁ ଜଳଯୋଗାଣ ପ୍ରକଳ୍ପ  ମେସିନ ଅଚଳ ହୋଇଯିବା ଯୋଗୁଁ ପିଇବା ପାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲେ ହେଁ ବ୍ଲକ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାହିଁ। ତୁରନ୍ତ ଅଚଳ ମେସିନକୁ ସଜାଡ଼ି ପାନୀୟ ଜଳ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ

**ତାଳଚେର ସଦର, ୧୦।୪(ସମିସ):** ବହୁ ଉପେକ୍ଷିତ ତାଳଚେର ୨ୟ ବ୍ରାହ୍ମଣୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଘଟଣାକୁ ନେଇ ତାଳଚେର ଅଞ୍ଚଳରେ ଖୁସିର ମାହୋଲ ଖେଳାଇ ଦେଇଛି। ତାଳଚେର ସହର ବାଇପାସ୍ ମଧ୍ୟରେ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ଦୈନନ୍ଦିନ ହଜାର ହଜାର ଭାରୀଯାନ ଚଳାଚଳ ହେବା ଫଳରେ ପ୍ରଚୁର ଧୂଳିଧୂଆଁ ସମେତ ଦୁର୍ଘଟଣା ଘଟି ବହୁ ଜୀବନ ଯାଇଛି। ଏହି ରାଜପଥକୁ ଛାଡ଼ିଦେଲେ ଏହାର ଅନ୍ୟ ବିକଳ୍ପ ରାସ୍ତା ନଥିବାରୁ ଏହି ରାସ୍ତାରେ ଭାରୀଯାନ ସମେତ ବାଇକ, ସାଇକେଲ, ଓ ଛୋଟମୋଟ ଯାନ ଇତ୍ୟାଦି ନିର୍ଭର କରିଥାନ୍ତି। ଏଥିନେଇ ତାଳଚେର ସହରର ବ୍ରାହ୍ମଣୀ ନଦୀ ଉପରେ ବିକଳ୍ପ ରାସ୍ତା ନିମନ୍ତେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ଦ୍ୱିତୀୟ ବ୍ରିଜ ନିର୍ମାଣ ନେଇ ପ୍ରାୟ ୫ବର୍ଷ ପୂର୍ବେ ତାଳଚେର ଉପଖଣ୍ଡ ପୌର ପରିଷଦର ୧ ନମ୍ବର ୱାର୍ଡର ରାଜପ୍ରସାଦ ନିକଟସ୍ଥ ମାଙ୍କଡ଼କେନ୍ଦା ଠାରେ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହି ସମୟରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ୍, ସାଂସଦ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀମାନେ ଜମି ଚିହ୍ନଟ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିନେଇ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ କୌଣସି କାରଣରୁ ଠିକାଦାର ଏହି ବ୍ରିଜ୍ କାର୍ଯ୍ୟରୁ ଓହରିଯିବା ପରେ ପୁନଶ୍ଚ ଟେଣ୍ଡର କରାଯାଇଥିଲା। ବିଳମ୍ବରେ ହେଉ ପଛେ ସରକାର ଏହାକୁ ବିଚାରକୁ ନେଇ ଶହେକୋଟି ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀରେ ଟେଣ୍ଡରକୁ ଅନୁମୋଦନ କରିଥିଲେ। ବାଙ୍କା କନଷ୍ଟ୍ରକସନ୍ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ କରିବାକୁ ଆଗାମୀ ୭ଦିନ ମଧ୍ୟରେ ସରକାରଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିବା କୁହାଯାଉଛି। ତେବେ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଅନ୍ତର୍ଗତ ଖାଲପାଳ ବ୍ରାହ୍ମଣୀ ନଦୀରେ ୪ଟି ବୋର କାର୍ଯ୍ୟ ସହିତ ଏହାର ଟେଷ୍ଟିଂ କାର୍ଯ୍ୟ ଚାଲୁ ରହିଛି ବୋଲି ତାଳଚେର ପୂର୍ତ୍ତ ବିଭାଗ ଏସଡିଓ ପ୍ରକାଶ କରିଛନ୍ତି। ଏଥିନେଇ ତାଳଚେର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ବଆଁରପାଳ, ୧୦।୪(ସମିସ):** ବଆଁରପାଳ ବ୍ଲକ ନୂଆହତା ଗ୍ରାମ ଦେଇ ଯାଇଥିବା କଟକ- ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ନୂଆହତା ଠାରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀ ମୃତ୍ୟୁବରଣ କରିଛି। ସୂଚନା ମୁତାବକ ମୃତବ୍ୟକ୍ତି ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ବିକଳ ନାଏକଙ୍କ ପୁଅ ଶିବୁ ନାଏକ। ଆଜି ସକାଳ ପ୍ରାୟ ୧୦ ଘଟିକାରେ ମା'କୁ ଭେଟ କରିବା ପାଇଁ ବଆଁରପାଳ ଆସି ଘରକୁ ଫେରିବା ସମୟରେ ନୂଆହତା ଗ୍ରାମ ପଞ୍ଚାୟତର ଟେଲକୋ ଛକ ନିକଟରେ ତାଙ୍କ ସ୍କୁଟି (ଓଡି ୧୯ପି ୪୨୭୦)କୁ ପଛରୁ ଆସୁଥିବା କୋଇଲା ଟ୍ରକ୍ (ଓଡ଼ି ୦୯କ୍ୟୁ ୩୬୧୧) ଧକ୍କା ଦେଇ ଘୋଷାଡ଼ି ନେଇ ଆରୋହୀଙ୍କ ଉପରେ ଚଢି ଯାଇଥିଲା। ଯାହାଦ୍ୱାରା ଚାଳକ ଘଟଣାସ୍ଥଳରୁ କିଛି ଦୂର ଛିଟିକି ଅଘଟଣରୁ ବର୍ତ୍ତୀ ଯାଇଥିବା ବେଳେ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ବଆଁରପାଳ ପୁଲିସ ପହଞ୍ଚି ବୁଝାସୁଝା କରିବା ସହ ମୃତଦେହକୁ ବ୍ୟବଛେଦ ନିମନ୍ତେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଦୁଇ ଗାଡ଼ିକୁ ଜବତ କରିବା ସହ ଟ୍ରକ୍ ଚାଳକକୁ ଗିରଫ କରି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।

■ ମାତିଲେ ହାତୀ ପଲ

## ଘରଭାଙ୍ଗି ଚାଉଳ ଖାଇଲେ, ଜିନିଷ ଫୋପାଡ଼ିଲେ

**ଅନୁଗୋଳସଦର, ୧୦।୪(ସମିସ)** ମଙ୍ଗଳବାର ରାତିରେ ଏକ ୧୮ଟିକିଆ ହାତୀ ପଲ ଟାଟା ଷ୍ଟିଲ ପାଖ କୁଶପଙ୍ଗା ପଞ୍ଚାୟତ କୁରୁଣ୍ଟି ଗ୍ରାମ ଓ ଆମ୍ବ ଡେିଳା ରେଳଲାଇନ ପାଖ ଗ୍ରାମରେ ପଶି ଘର ଭାଙ୍ଗି ଚାଉଳ ଖାଇବା ସହ ଆସବାବପତ୍ର ଓ ଗଛ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଏଥିରେ ଘରର ଇଟା କାନ୍ଥ ପଡ଼ି ନିଶାମଣି ନାୟକ ଆହତ ହୋଇଛନ୍ତି। ବାଡ଼ିରେ ଲାଗିଥିବା ସଜନା ଗଛ, ନଡ଼ିଆ ଗଛ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଗାଁ ଲୋକଙ୍କ ସହ ନିକଟସ୍ଥ ବନ କର୍ମଚାରୀ ହାତୀ ପଲଙ୍କୁ ଘଉଡ଼ାଇବାରୁ ସେମାନେ ପଳାଇ ଯାଇଥିଲେ। ପୁଣି ହାତୀ ଆସିବାର ଆଶଙ୍କା ଥିବାରୁ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ୱାରେଣ୍ଟି ଗିରଫ

**ବଇଣ୍ଠା, ୧୦।୪(ସମିସ):** ଠାକୁରଗଡ଼ ଥାନା ପୁଲିସ କୁସୁମଧରା ଗ୍ରାମରେ ଚଢ଼ଉ କରି ପୁରୁଣା ୱାରେଣ୍ଟ ଥିବା ନିଲୁ ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ୨୦୧୮ ମସିହାରୁ ଥାନାରେ ମାମଲା ଥିବା ବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବର ପାଇ ତାକୁ ମଙ୍ଗଳବାର ଠାକୁରଗଡ଼ ପୁଲିସ ଗିରଫ କରି ଆଠମଲ୍ଲିକ କୋର୍ଟଚାଲାଣ କରିଛି।

## ଦମ୍ପତିଙ୍କୁ ଟାଙ୍ଗିଆରେ ଆକ୍ରମଣ

**ବଇଣ୍ଠା, ୧୦।୪(ସମିସ):** ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ରେବତୀ ପ୍ରଧାନ ଓ ତାଙ୍କ ସ୍ୱାମୀ ଜୟରାମ ପ୍ରଧାନଙ୍କୁ ସେହି ଗ୍ରାମର ଜିତୁ ପ୍ରଧାନ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଠାକୁରଗଡ଼ ଥାନାରେ ରେବତୀ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଭିତ୍ତିକରି ନମ୍ବର ୮୪/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ରେବତୀ ତାଙ୍କ ଗଛରୁ ମହୁଲ ଫୁଲ ସଂଗ୍ରହ କରୁଥିବା ବେଳେ ଜିତୁ ପ୍ରତିବାଦ କରିଥିଲେ। ଏ ନେଇ ଜୟରାମ ଆସି ପ୍ରତିବାଦ କରିବାରୁ ଜିତୁ ଧରିଥିବା ଏକ ଟାଙ୍ଗିଆରେ ଉଭୟ ସ୍ୱାମୀ -ସ୍ତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## ଶାଳକାଠ ସହ ଗାଡ଼ି ଜବତ; ଜଣେ ଗିରଫ

**ତାଳଚେରସଦର, ୧୦।୪(ସମିସ):** କଣିହାଁ ବନାଞ୍ଚଳ ପକ୍ଷରୁ ଆତର୍କିତ ଚଢ଼ଉ କରାଯାଇ ବିପୁଳ ପରିମାଣର ଶାଳ କାଠ ସହ ଗାଡ଼ି ଜବତ କରାଯାଇ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କଣିହାଁ ବନାଞ୍ଚଳ ଭାରପ୍ରାପ୍ତ ଏସିଏଫ୍ ନିଳମଣୀ ଦେହୁରୀ ବିଶେଷ ସୂତ୍ରରୁ ଖବର ପାଇ କାଠ ବୋଝେଇ ପିକଅପ୍ ଗାଡ଼ିକୁ ପିଛା କରି ଏନଟିପିସି ପିଟିଏସ୍ ଗେଟ୍ ନିକଟରେ ଅଟକାଇଥିଲେ। ଯାଞ୍ଚ କରିବାରୁ ଜଣାପଡିଲା ଯେ, ଏହି ଗାଡ଼ିରେ ବିପୁଳ ପରିମାଣର ଚୋରା ଶାଳ କାଠ ରହିଛି। ସେଠାରେ ଗାଡ଼ିକୁ ଜବତ କରିବା ସହ ଚାଳକକୁ ସେ ଗିରଫ କରିଥିଲେ। ଗିରଫ ଚାଳକ ଜଣକ ତାଳଚେର ବ୍ଲକ ଅନ୍ତର୍ଗତ କଙ୍କିଳ ଗ୍ରାମର ପୀତାମ୍ବର ମହାପାତ୍ର। ଜବତ ହୋଇଥିବା ଶାଳ ଚଉକାଠ ୪୪ ପିସ୍ ହୋଇଥିବା ବେଳେ ଏହାର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି।

## ମଦ ଜବତ, ୨ ଗିରଫ

**ବଇଣ୍ଠା, ୧୦।୪(ସମିସ):** ହଣ୍ଡପା ପୁଲିସ ଧଉରାଗୋଠ ଗ୍ରାମରେ ଚଢ଼ଉ କରି ଜ୍ୟାତି ମାଝୀଙ୍କ ଘରୁ ୧୩ ଲିଟର ଚୋରା ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବରେ ମଦ ବିକ୍ରି କରୁଥିବା ଖବର ପାଇଁ ପୁଲିସ ଚଢ଼ଉ କରିଥିଲା। ସେହିପରି ଭେଜିଗୋଠ ଗ୍ରାମରେ ଚଢ଼ଉ କରି ମିନତୀ ପ୍ରଧାନଙ୍କ ଘରୁ ୧୨ ଲିଟର ଚୋରାମଦ ଜବତ କରି ତାଙ୍କୁ ଗିରଫ କରାଯାଇଛି।

ତାଳଚେର ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଅନୁଗୋଳରେ

## ବିଭିନ୍ନ ସମସ୍ୟାର ସମାଧାନ ହେବ କିପରି ?

**ତାଳଚେର, ୧୦।୪(ସମିସ)**

ତାଳଚେର - ଅନୁଗୋଳକୁ ଟ୍ୱିନସିଟି କରାଯାଇ ଅନୁଗୋଳରେ ଯେଉଁ ପ୍ରକାର ସୁବିଧା ଉପଲବ୍ଧ, ସେହିଭଳି ତାଳଚେର ଅଞ୍ଚଳରେ ମଧ୍ୟ କରିବା ନେଇ ସ୍ଥିର କରାଯାଇଥିଲା ଓ ସେହି ଢ଼ାଞ୍ଚାରେ ମଧ୍ୟ କିଛି କାର୍ଯ୍ୟାଳୟ ତାଳଚେରବାସୀଙ୍କ ସୁବିଧା ନିମନ୍ତେ ଖୋଲାଯାଇଥିଲା। ମାତ୍ର ଏପରି କ'ଣ ହେଲା ଯେ, ଏହି କାର୍ଯ୍ୟାଳୟ ଗୁଡ଼ିକ ଏଠାରୁ ଅନୁଗୋଳକୁ ସ୍ଥାନାନ୍ତରିତ କରିଦିଆଗଲା। ତାଳଚେର ଅଞ୍ଚଳରେ ୧୦ଟି କୋଇଲା ଖଣି ସମେତ ଏନଟିପିସି ଭଳି ରାଷ୍ଟ୍ରୋଦ୍ୟୋଗୀ ସଂସ୍ଥା, ଟିଟିପିଏସ୍, ଭାରୀଜଳ କାରଖାନା, ଏକାଧିକ କୋଲ ୱାସେରୀ କୋଲପ୍ଲାଣ୍ଟ, ଏଫସିଆଇ ସାର କାରଖାନା, ସମଲ ବ୍ୟାରେଜ୍, ଡେରେଙ୍ଗ ଜିନ୍ଦଲ ଓ ବହୁ ଛୋଟ ବଡ଼ କଳ କାରଖାନା ମୁଣ୍ଡ ଟେକିଛି। ଏହି କଳ କାରଖାନା ପାଇଁ ବିସ୍ଥାପନ ସମସ୍ୟା ଉତ୍କଟ ହେଉଥିବା ବେଳେ ବିସ୍ଥାପିତ ଓ ପ୍ରଭାବିତଙ୍କ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ତାଳଚେର ଅଞ୍ଚଳ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟ ଗୁଡ଼ିକ ଅନୁଗୋଳରେ କାର୍ଯ୍ୟ କରୁଥିବାରୁ ଏହି ସମସ୍ୟାର ସମାଧାନ ହେବ କିପରି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ୨୧ଗୋଟି




ପଞ୍ଚାୟତକୁ ନେଇ ତାଳଚେର ବ୍ଲକ ହୋଇଥିବା ବେଳେ ସେହିଭଳି ୨୧ଟି ୱାର୍ଡକୁ ନେଇ ତାଳଚେର ପୌର ପରିଷଦ ଗଠିତ। ଏହି ଅଞ୍ଚଳରେ ଅଧିକ କୋଇଲା ଖଣି ରହିଥିବାରୁ ବିସ୍ଥାପିତଙ୍କ ସମସ୍ୟା କହିଲେ ନ ସରେ। ଏପରିସ୍ଥଳେ ଏହି ସମସ୍ୟାଗୁଡ଼ିକୁ ହୃଦଙ୍ଗମ କରି ରାଜ୍ୟ ସରକାର ତାଳଚେର ପାଇଁ ଜଣେ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ଦେଇଥିଲେ। ହେଲେ ତାଳଚେରରେ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ତାଳଚେରରେ ନହୋଇ ଅନୁଗୋଳ ସଦର ମହକୁମାରେ ହୋଇଛି। ସେହିଭଳି ତାଳଚେର ଏକ ଖଣି ଖାଦାନ, ଶିଳ୍ପବହୁଳ ଥିବାରୁ ଏଠାରେ ନୂତନ ଉତ୍ତରାଞ୍ଚଳ ଡିଆଇଜି ପଦ ସୃଷ୍ଟି କରାଯାଇ ତାଳଚେର ଠାରେ ଏହାର କାର୍ଯ୍ୟାଳୟ ଖୋଲାଯାଇଥିଲା। ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ ଜିଲ୍ଲା ଏହି ଡିଆଇଜି ରେଞ୍ଜ ଅନ୍ତର୍ଭୂକ୍ତ କରାଯାଇଥିଲା। କେବଳ ଅରୁଣ ଷଡ଼ଙ୍ଗୀ ଡିଆଜି ଥିବା ବେଳେ ତାଙ୍କ ଆବାସିକ କାର୍ଯ୍ୟାଳୟ ତାଳଚେର ଠାରେ ହୋଇଥିବା ବେଳେ ତାଙ୍କ ପରଠାରୁ ଅବସ୍ଥାପିତ ଡିଆଜିମାନେ ସେମାନଙ୍କ ଆବାସିକ କାର୍ଯ୍ୟାଳୟ ଅନୁଗୋଳ ଠାରେ କରିଛନ୍ତି। ପୁନଶ୍ଚ ତାଳଚେରର ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏଠାରେ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ତାଳବେଡ଼ା ଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) କାର୍ଯ୍ୟାଳୟ ଖୋଲିଥିଲେ ମଧ୍ୟ ଏହି ଅଧିକାରୀମାନେ କାଁଭାଁ ଏଠାରେ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ସମୟରେ ଅନୁଗୋଳରେ ରହୁଛନ୍ତି। କୋଇଲା ଖଣି ପାଇଁ ତାଳଚେରର ବହୁ ଜମି ଅଧିଗ୍ରହଣ ହେଉଛି, ମାତ୍ର ସେମାନଙ୍କ ନିଯୁକ୍ତି, ଥଇଥାନ, ବିଭିନ୍ନ ସମସ୍ୟାର ସମାଧାନ ଏବଂ ନ୍ୟାୟ ପାଇବା ପାଇଁ ଭୂଅର୍ଜନ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ଏଠାରେ ଖୋଲିପାରିଲା ନାହିଁ। ଏହା ମଧ୍ୟ ଅନୁଗୋଳଠାରେ ରହିଛି। ଜମିହରା ପ୍ରଜାମାନେ ପ୍ରାୟ ଅନୁଗୋଳ ସଦର ମହକୁମା ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ସେହିଭଳି ଏଠାରେ ପୂର୍ବରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରହିଥିଲା ଓ ଶ୍ରମିକମାନଙ୍କ ସମସ୍ୟା ସୁରୁଖୁରୁରେ ସମାଧାନ ହେଉଥିଲା। ଏବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି ଜିଲ୍ଲା ଶ୍ରମ ଅଧିକାରୀ ନିୟୋଜିତ ହୋଇନାହାନ୍ତି, ଫଳରେ ଶ୍ରମିକମାନଙ୍କ ସମସ୍ୟା ନେଇ ଅନୁଗୋଳ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି, ବାଣିଜ୍ୟ କର କାର୍ଯ୍ୟାଳୟ ଏଠାରୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ତାହା ଖୋଲାଯାଇ ପାରିଲାନାହିଁ। ତାଳଚେର ଠାରେ ଥିବା ବିଭିନ୍ନ କାର୍ଯ୍ୟାଳୟ ଅନୁଗୋଳରେ ରହୁଥିବାରୁ ତାଳଚେରବାସୀଙ୍କ ବିଭିନ୍ନ ସମସ୍ୟାରେ ସୁଧାର ଆସିବ କିପରି ବୋଲି ବୁଦ୍ଧିଜୀବ ମହଲରେ ଉଠିଛି ପ୍ରଶ୍ନ।

# ବିଜେପି ଛାଡ଼ି ବିଜେଡିରେ ଯୋଗଦେଲେ ୫୦ରୁ ଅଧିକ କର୍ମୀ



**କାମାକ୍ଷାନଗର, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକରେ ବିଜେପି ଛାଡ଼ି ବିଜେଡିରେ ୫୦ ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିବା ଜଣାପଡ଼ିଛି। ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତି ବଢୁଛି ବିପୁଳ ଜନସମର୍ଥନ। ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତର ବିଜେପିର ବରିଷ୍ଠ କର୍ମୀ ରିନା ମହନ୍ତ, ମିହିର ହାଁସଦାଙ୍କ ସମେତ ଜିତେନ୍ଦ୍ର ପଧାନ, ଶୈଳବାଳା ପଧାନ, ମତେଇ ବାରି, ରସାନନ୍ଦ ଦେହୁରୀ, ବିଷ୍ଣୁ ବେହେରା, ବାଇଧର ବାରିକ, ଜଳିଆ ପଧାନ, ଶାନ୍ତିଲତା ବେହେରା, ସୁଲୋଚନା ବେହେରା, ପିତ ବାରିଉ, ସୁମନ୍ତ ମହନ୍ତ, କଳାବତି ପଳେଇଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବା ସହ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହେଇ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଧାୟକ ନୃସିଂହ ସାହୁ ନୂତନ ଭାବେ ଦଳରେ ସାମିଲ ହେଇଥିବା କର୍ମକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇବା ସହ ପୁଷ୍ପଗୁଚ୍ଛ ଦେଇ ବିଜୁ ପରିବାରରେ ସ୍ୱାଗତ କରିଛନ୍ତି। ସେମାନଙ୍କ ଯୋଗଦାନରେ ଦଳ ଆହୁରି ମଜଭୁତ ହେବା ସହ ନବୀନ ଓଡ଼ିଶା ଗଠନରେ ସହାୟକ ହେବ ବୋଲି ବିଧାୟକ ଡାକ୍ତର ସାହୁ କହିଛନ୍ତି। ଏହି ମିଶ୍ରଣ ପର୍ବରେ କଙ୍କଡାହାଡ଼ ଯୁବ ବିଜେଡି ସଭାପତି ତାପସ ପାଣି, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ନବରାତ୍ର ମହୋତ୍ସବ ପାଳିତ



**ଢେଙ୍କାନାଳ, ୧୦।୪ (ସମିସ) :** ସ୍ଥାନୀୟ କୈବଲ୍ୟ ବଜାର ଠାରେ ଅବସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଚଳିତ ବର୍ଷ ବାସନ୍ତିକ ନବରାତ୍ର ମହୋତ୍ସବ ୯ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୭ ତାରିଖ ଦିନ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରାୟ ପ୍ରତିଦିନ ଶହ ଶହ ଗାୟତ୍ରୀ ପରିବାର ଯଜ୍ଞାନୁଷ୍ଠାନରେ ଯୋଗଦାନ କରୁଛନ୍ତି। ସହରର ବହୁ ଶ୍ରଦ୍ଧାଳୁ ତଥା ଜନସାଧାରଣ ମଧ୍ୟ ଏଥିରେ ସାମିଲ୍ ହେଉଛନ୍ତି। ଆସନ୍ତା ୧୭ ତାରିଖ ପୂର୍ବାହ୍ନ ୮.୩୦ମି. ସମୟରେ ପୂର୍ଣ୍ଣାହୁତି ଯଜ୍ଞ ଆରମ୍ଭ ହୋଇ ଦିବା ୧୧.୩୦ ମି. ସମୟରେ ଶେଷ ହେବ। ପରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଉତ୍ସବକୁ ବ୍ୟବସ୍ଥାପକ ଶିବପ୍ରସାଦ ଶତପଥୀ, ସଭାପତି ସନ୍ତୋଷ କୁମାର ଅଗ୍ରୱାଲା, ରେଖା ହିନ୍ଦୋଚା, ସୁକାନ୍ତି ବେହେରା, ଦେବରାଜ ସାହୁ, ଗୋପୀନାଥ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି। ଯଜ୍ଞ ଅନୁଷ୍ଠାନକୁ ସ୍ୱାଧୀ ବସନ୍ତ ମଞ୍ଜରୀ ମିଶ୍ର ଓ ସୁଶ୍ରୀ ପଦ୍ମିନୀ ମିଶ୍ର ପରିଚାଳନା କରୁଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ



**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ଡାକମଣ୍ଡଳ କାର୍ଯ୍ୟାଳୟ ଠାରୁ ବହୁ ସଂଖ୍ୟାରେ ଡାକ କର୍ମଚାରୀ ବାହାରି ଗଣେଶ ବଜାର, ଲକ୍ଷ୍ମୀ ବଜାର, ଜବାହର ଛକ, ନେହେରୁ ପାର୍କ, ତହସିଲ ଅଫିସ, ବସ୍ ଷ୍ଟାଣ୍ଡ, ମିନି ଷ୍ଟାଡିୟମ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହର ପରିକ୍ରମା କରି ଭୋଟର ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଏହି ଅବସରରେ ହାତରେ ବିଭିନ୍ନ ପ୍ଲା-କାର୍ଡ, ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଅଧିକରୁ ଅଧିକ ସହଭାଗିତା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରାଯିବା ସହିତ ପ୍ରତ୍ୟେକ ଭୋଟ ମୂଲ୍ୟବାନ ଏବଂ କୌଣସି ନାଗରିକ ଯେପରି ଭୋଟଦେବାରୁ ବଞ୍ଚିତ ନ ହୁଅନ୍ତି, ସେ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଡାକ ମଣ୍ଡଳ ପକ୍ଷରୁ ଢେଙ୍କାନାଳ ସହରରେ ଯୁବ ସମାଜ ଓ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ନିରପେକ୍ଷ ନିର୍ବାଚନ ବାର୍ତ୍ତା ଦିଆଯାଇଛି। ଢେଙ୍କାନାଳ ଡାକମଣ୍ଡଳର ଅଧିକ୍ଷକ ଜଗଦୀଶ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଢେଙ୍କାନାଳ ମୁଖ୍ୟ ଡାକଘରର ଡାକପାଳ ସୁରେଶ ଚନ୍ଦ୍ର ସ୍ୱାଇଁ, ଢେଙ୍କାନାଳ ସବଡିଭିଜନର ନିରୀକ୍ଷକ ସଦାଶିବ ରାଉତ, ଢେଙ୍କାନାଳ ଡାକମଣ୍ଡଳର ଅଫିସ ସୁପରଭାଇଜର ବିଷ୍ଣୁ ପ୍ରସାଦ ନାଏକ ସହଯୋଗ କରିଥିଲେ। ଏହି ପ୍ରଭାତ ଫେରିରେ ଢେଙ୍କାନାଳ ଡାକମଣ୍ଡଳ କାର୍ଯ୍ୟାଳୟ, ଢେଙ୍କାନାଳ ମୁଖ୍ୟ ଡାକଘର ଏବଂ ଢେଙ୍କାନାଳ ସହରରେ ରହୁଥିବା ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ମା' ବାଟମଙ୍ଗଳା ମନ୍ଦିର ନିର୍ମାଣାର୍ଥେ କଳସ ଯାତ୍ରା



**ଢେଙ୍କାନାଳ, ୧୦।୪ (ସମିସ) :** ସ୍ଥାନୀୟ ବାଜିଚୌକସ୍ଥିତ ଓଭର୍ ବ୍ରିଜ୍ ତଳେ ମା' ବାଟ ମଙ୍ଗଳାଙ୍କ ନୂତନ ମନ୍ଦିର ସ୍ଥାପନ ନିମନ୍ତେ ୧୫୧ ପୁରୁଷ ଓ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସ୍ଥାନୀୟ ବ୍ରାହ୍ମଣୀ ନଦୀ କମଗରା ଘାଟ ଠାରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ସହ ଏବଂ ବାଦ୍ୟ ଦ୍ୱାରା ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ ହୋଇ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୧୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୨ ତାରିଖରେ ବିଗ୍ରହ ପ୍ରତିଷ୍ଠା ସହିତ ପୂର୍ଣ୍ଣହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହେବ। ଅନୁଗୋଳର ମୁଖ୍ୟ ପୂଜକ ଅଶୋକ କର ଓ ତାଙ୍କ ସାଥୀମାନେ ସମସ୍ତ ପୂଜାକୁ ସୂଚାରୁ ରୂପେ ପାଳନ କରୁଥିବା ବେଳେ କର୍ତ୍ତା ରୁନିଆ ସାହୁ, ସଭାପତି ଶ୍ରୀକାନ୍ତ ରଣା, ଉପସଭାପତି ନିର୍ମଳ ରାଉତ, କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, କର୍ମକର୍ତ୍ତା ଶଶି ପାଣ୍ଡେ, ମେଘନାଦ ସାହୁ, ଅମିତ୍ ପାଣ୍ଡେ, ଆଶୁତୋଷ ଦାସ, ମନୋରଞ୍ଜନ ଜେନା, ମଦନ ବେହେରା, ପିନୁ ରାଉତ, ବିଶ୍ୱଜିତ୍ ବେହେରା, ତୁଷାର ମଲ୍ଲିକ, ଗୁଡୁ ସିଂ, ଶିବୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରୁଛନ୍ତି।

## ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ରୌପ୍ୟଜୟନ୍ତୀ




**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ସରାଙ୍ଗ ଠାରେ ଅବସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଠାରେ ପୂରାତନ ଛାତ୍ର ସଂଘ ତରଫରୁ ରୌପ୍ୟଜୟନ୍ତୀ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବ ଆରମ୍ଭରେ ରନ୍ ଫର୍ ଫନ୍ କାର୍ଯ୍ୟକ୍ରମରେ ଶତାଧିକ ପୂରାତନ ଛାତ୍ର ଛାତ୍ରୀ ଓ ବିଦ୍ୟାଳୟର ଅଧ୍ୟୟନରତ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଏଥିସହିତ ପୂରାତନ ଛାତ୍ର ସଂଘ ଓ ଶିକ୍ଷକ ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ଥିବା ସାଂସ୍କୃତିକ ଭବନ ଠାରେ ଜଗନ୍ନାଥଙ୍କ ନୀକଟରେ ପ୍ରଦୀପ ପ୍ରଜ୍ୱଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଥମେ ବିଦ୍ୟାଳୟ ସହ ଜଡିତ ଥିବା ଦିଗବନ୍ତ ମାନଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧକ୍ଷା ପାର୍ବତୀ ପ୍ରଧାନ ଯୋଗଦେଇ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିସହିତ ପୂରାତନ ଛାତ୍ର ସଂଘ ତରଫରୁ ଅତିଥି ତଥା ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅତିଥି ମାନଙ୍କ ଦ୍ୱାରା ଅଭିଭାଷଣ ପ୍ରଦାନ କରାଯାଇଥିଲା। ଉତ୍ସବରେ ଶିକ୍ଷାନୁଷ୍ଠାନ ସହ ପ୍ରାରମ୍ଭରୁ ଜଡିତ ପୂରାତନ ଅଧକ୍ଷା ପାର୍ବତୀ ପ୍ରଧାନଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ, ଶତାଧିକ ପୂରାତନ ଛାତ୍ର ଛାତ୍ରୀ ଯୋଗଦାନ କରି ବିଗତ ବର୍ଷ ଗୁଡ଼ିକର ସ୍ମୃତିକୁ ରୋମନ୍ଥନ କରିବାର ସୁଯୋଗ ପାଇଥିଲେ ଯାହା କି ଏକ ବିଶାଳ ପରିବାରର ଭେଟଘାଟ ଉତ୍ସବର ଭ୍ରମ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ସଦସ୍ୟ ଉତ୍ସାହ ଉଦ୍ଦିପନାର ସହ ବିଦ୍ୟାଳୟ ଓ ପରସ୍ପର ପ୍ରତି ଥିବା ଆତ୍ମୀୟତା ପ୍ରଦର୍ଶନ କରିଥିଲେ। ପୂରାତନ ଛାତ୍ର ସଂଘ ସଭାପତି ସୌମ୍ୟା ମିଶ୍ର, ସମ୍ପାଦକ ଦିପ୍ତି ସାମନ୍ତଙ୍କ ନେତୃତ୍ୱ ଏବଂ ବିଦ୍ୟାଳୟର ଅଧକ୍ଷା ପ୍ରତିମା ମିଶ୍ରଙ୍କ ସହଯୋଗରେ ଆୟୋଜନ ହୋଇଥିବା ଏହି ଉତ୍ସବରେ ନାଓ ସଭାପତି ଆଶାଭାନୁ ସ୍ୱାଇଁଙ୍କ ସମେତ ସମଗ୍ର ରାଜ୍ୟ ଏବଂ ରାଜ୍ୟ ବାହାରରୁ ବହୁ ପୂରାତନ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ସାଂସଦ ପ୍ରାର୍ଥୀ ଅବିନାଶଙ୍କ ନିର୍ବାଚନ ପ୍ରଚାର



**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ଲୋକସଭା ଆସନ ଲାଗି ବିଜେଡିର ସାଂସଦ ପ୍ରାର୍ଥୀ ଡାଃ ଅବିନାଶ ସାମଲ ଓଡାପଡ଼ା ବ୍ଲକର ଏକ ନମ୍ବର ଜୋନରେ ଗୋଟିଏ ଦିନରେ ଦୁଇଟି ସଭା କରିଛନ୍ତି। ନିଜ ଜନ୍ମମାଟିରେ ଆଶୀର୍ବାଦ ସଭା ଓ ଅନ୍ୟଟି ଟାଟା ଷ୍ଟିଲ ନିକଟସ୍ଥ ନରେନ୍ଦ୍ରପୁର ଗ୍ରାମରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭା କାର୍ଯ୍ୟରେ ଢେଙ୍କାନାଳ ସଦର ବିଧାୟକ ସୁଧୀର ସାମଲ, ସମାଜସେବୀ ଗଙ୍ଗାଧର ସାମଲ, ବିଜେଡି ଜିଲ୍ଲା କୃଷକ ମୋର୍ଚ୍ଚାର ଉପସଭାପତି ନରୋତ୍ତମ ରାଉତ, ନରୋତ୍ତମ ସାହୁ, ବିଜୟ ଧଳ, ମଙ୍ଗଳପୁର ସରପଞ୍ଚ କାଞ୍ଚନବାଳା ରାଉତ, ଖଡ଼ଗପ୍ରସାଦ ସରପଞ୍ଚ ସାବିତ୍ରୀ ଦଲେଇ, କୁଶୁପଙ୍ଗା ସରପଞ୍ଚ ଅନିତା ନାଏକ, ନୀମୀଧା ସରପଞ୍ଚ ଚୁମକି ସାହୁ, କମଳାଙ୍ଗ ସରପଞ୍ଚଙ୍କ ଜିତେନ୍ଦ୍ର କୁମାର ବେହେରା, ଶିବପୁର ସରପଞ୍ଚ ମାନସ ମହାକୁଡ଼, ସହ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତିସଭ୍ୟ, ୧ନମ୍ବର ଜୋନ ଜିଲ୍ଲା ପରିଷଦ ଓ ପୂର୍ବତନ ସରପଞ୍ଚ ମାନେ ସଭାରେ ମଞ୍ଚାସୀନ ହୋଇଥିଲେ। ସଭାରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା କି, ନିର୍ବାଚନ ମଣ୍ଡଳୀରେ କିପରି ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବ। ସବୁଠାରୁ ବଡ଼ କଥା ହେଲା ସଭାରେ ଗୋଟିଏ ନାରା ଥିଲା ମୁଖ୍ୟମନ୍ତ୍ରୀ ଯେଉଁ ଯୁବନେତାଙ୍କୁ ଆମକୁ ସାଂସଦ ପ୍ରାର୍ଥୀ ଭାବେ ଦେଇଛନ୍ତି ତାଙ୍କୁ କିପରି ବିଜେତା କରି ପଲ୍ଲୀରୁ ଦିଲ୍ଲୀ ପହଞ୍ଚାଇବା ଏଥିନିମନ୍ତେ ମଞ୍ଚାସୀନ ବକ୍ତାମାନେ ଅନୁରୋଧ କରିଥିଲେ।

● ଘର ଭାଙ୍ଗି ଫସଲ ନଷ୍ଟକରିବା ଘଟଣା

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆନନ୍ଦ



**ଢେଙ୍କାନାଳ, ୧୦।୪ (ସମିସ) :** କାମାକ୍ଷାନଗର ଥାନା ଅନ୍ତର୍ଗତ ସାରୁଆଳି ଗ୍ରାମର ଆନନ୍ଦ ସାହୁ ବାସଘର ଭାଙ୍ଗିବା ସହିତ ଫସଲ ନଷ୍ଟ କରିବା ଘଟଣାକୁ ନେଇ ଏକ ଅଭିଯୋଗ ପତ୍ର ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଗତ ଅପ୍ରେଲ୍ ୪ ତାରିଖରେ ସାରୁଆଳି ଗ୍ରାମର କୃପାସିନ୍ଧୁ ମାହୁନ୍ତ, ପିତା-ଅନ୍ତରା ମାହୁନ୍ତ, ବାବୁଲି ଦେହୁରୀ, ପିତା-କେଶବ ଦେହୁରୀ, ବୁଦ୍ଧିମନ୍ତ ଦେହୁରୀ, ପିତା-ସହଦେବ ଦେହୁରୀ, ପୁରିଆ ଦେହୁରୀ, ନିର୍ମଳ ବେହେରା, ରମେଶ ବେହେରା ପ୍ରମୁଖ ସଂଘବଦ୍ଧ ହୋଇ ଆନନ୍ଦ ସାହୁଙ୍କ ବାସଗୃହ ଭାଙ୍ଗିବା ସହିତ ବାଡ଼ ଭାଙ୍ଗି ବାଡ଼ିରେ ପଶି ଫସଲ ନଷ୍ଟ କରିଦେଇଥିଲେ। ଏ ବିଷୟରେ କାମାକ୍ଷାନଗର ଥାନାରେ ଲିଖିତଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଉକ୍ତଦିନ ସଂଧ୍ୟାରେ ପୁଲିସ ଘଟଣାର ତଦନ୍ତ ନକରି ୫ ତାରିଖରେ ଆସିବେ ବୋଲି କହି ଚାଲିଯାଇଥିଲେ ବୋଲି ଆନନ୍ଦ ଅଭିଯୋଗରେ ଦର୍ଶାଇଛନ୍ତି। ସେହି ରାତି ପ୍ରାୟ ୧୦ ଘଟିକାରେ ଉକ୍ତ ବ୍ୟକ୍ତିମାନେ ଘରଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେଇ ବାଡ଼ିରେ ଥିବା ଟୁଲୁ ପମ୍ପ, ଆକାଶିଆ ଗଛ ନେଇଯାଇଛନ୍ତି ଏବଂ ଘରେ ଥିବା ୧୦ ହଜାର ଟଙ୍କା ନେଇଛନ୍ତି ବୋଲି ଆନନ୍ଦ ସାହୁ ଅଭିଯୋଗ କରିଛନ୍ତି।

## ଅଂଶୁଘାତ ସଚେତନତା ଶୋଭାଯାତ୍ରା



**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଜି ଅଂଶୁଘାତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୋ କର୍ତ୍ତବ୍ୟ ଅଭିଯାନ ଅଧୀନସ୍ଥ ଏହି ସାମାଜିକ କାର୍ଯ୍ୟକ୍ରମକୁ ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଅଂଶୁଘାତକୁ ମୁକାବିଲା କରିବା ଲାଗି ପ୍ଲା- କାର୍ଡ ପ୍ରଦର୍ଶନ ଓ ସ୍ଲୋଗାନ ଦେଇ ଗୁରୁ ଛାତ୍ରଛାତ୍ରୀମାନେ ବି.ବି.ହାଇସ୍କୁଲ ଛକ, ଅମଳାପଡ଼ା, ମହିଳା ମହାବିଦ୍ୟାଳୟ, ଗଣେଶ ବଜାର, ପୋଷ୍ଟ ଅଫିସ ଛକ ଓ ବସଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲେ। ଆଜିର ଶୋଭାଯାତ୍ରାରେ ମୋ କର୍ତ୍ତବ୍ୟ ଅଭିଯାନ ଉପଦେଷ୍ଟା ଅଧ୍ୟାପିକା ବିନ୍ଦୁ ବେହୁରିଆ ଓ ସଂଯୋଜିକା ବିଷ୍ଣୁପ୍ରିୟା ବିଶ୍ୱାଳ ନେତୃତ୍ୱ ନେଇଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ, ପ୍ରଶିକ୍ଷକ ଓ କର୍ମଚାରୀ ସାମିଲ ଥିଲେ। ଢେଙ୍କାନାଳ ଟାଉନ ଥାନାର ପୁଲିସ କର୍ମଚାରୀ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ

**ଗଁଦିଆ, ୧୦।୪ (ସମିସ) :** ଓଡ଼ିଶାର ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜ କେନ୍ଦୁପାଟଣା ମଣ୍ଡଳର ତ୍ରିଦିବସୀୟ ବାର୍ଷିକ ସମ୍ମିଳନୀ ଚମ୍ପତି ପାଟଣା ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ କେନ୍ଦ୍ରୀୟ ସଭାପତି ରଶ୍ମୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହ କେନ୍ଦ୍ରୀୟ ସଭାପତି ରଶ୍ମୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ବୈଶ୍ୟ ସମାଜର ସଭାପତି ରଘୁନାଥ ସାହୁ, ସମ୍ମାନିତ ଅତିଥି ଭାବେ ନିଖିଳ ବୈଶ୍ୟ ସମାଜର ଉପସଭାପତି କୈଳାସ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, କୋଷାଧକ୍ଷ ପ୍ରମୋଦ କୁମାର ସାହୁ, ଉପଦେଷ୍ଟା ରାଧାକାନ୍ତ ସାହୁ, ଯାଜପୁର ମଣ୍ଡଳର ନେତୃତ୍ୱ ଜଗତ କୁମାର ନାୟକ ଓ ଅଜିତ କୁମାର ନାୟକ ମଞ୍ଚାସୀନ ଥିଲେ।

## ଗୀତା ମହାଯଜ୍ଞ ଅନୁଷ୍ଠିତ

**ଭୁବନ, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଅଁ ଶିବମନ୍ଦିର ପରିସରରେ ତ୍ରିଦିବସୀୟ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାଲୁଙ୍କେଶ୍ୱର ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ମହାଯଜ୍ଞ କମିଟିର ସଭାପତି ସର୍ବେଶ୍ୱର ମିଶ୍ରଙ୍କ ନେତୃତ୍ୱରେ ୧୧ ବର୍ଷ ଧରି ଚାଲୁ ରହିଛି। କଳସାଧିବାସ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା ଶିବାଭିଷେକ, ମଣ୍ଡଳପୂଜା, ଚଣ୍ଡୀ ହୋମ, ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ପରିଚାଳନା କମିଟି ପକ୍ଷରୁ ଶ୍ରୀକାନ୍ତ ମିଶ୍ର ଓ ଶୋଭାରାଣି ମିଶ୍ର କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୁରୋଧା ଭାବେ ସୁମନ୍ତ ତ୍ରିପାଠୀ ଓ ସୀତାରାମ ପତି କାର୍ଯ୍ୟ କରିଥିଲେ।

# କୁସୁପଙ୍ଗା ଗ୍ରାମରେ ହାତୀ ଉପଦ୍ରବ; ବ୍ୟାପକ କ୍ଷୟକ୍ଷତି





**ଓଡାପଡ଼ା, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ତହସିଲ ମୋଟଙ୍ଗା ଥାନା ଅନ୍ତର୍ଗତ କୁଶୁପଙ୍ଗା ଅଞ୍ଚଳରେ ଗତକାଲି ରାତିରେ ୧୮ ଟିକିଆ ହାତୀପଲ ଆସି ଘରଦ୍ୱାର ଭାଙ୍ଗିବା ସହିତ ଅନେକ ଧନସମ୍ପତି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ବହୁଦିନ ଧରି ଲାନକୋ ପାୱାର ପ୍ଲାଣ୍ଟର ପାଚେରି ମଧ୍ୟରେ ଏକ ହାତୀପଲ ରହବା ସହିତ ଖଡ଼ଗପ୍ରସାଦ, କୁରୁଣ୍ଟି, ମୋଟଙ୍ଗା, ବିଡୋ, ନିମିଧା ଓ ବ୍ରାହ୍ମଣୀନଦୀର ଆରପାରି ପର୍ଜଙ୍ଗ ଆଦି ଅଞ୍ଚଳରେ ରାତିରେ ଖାଇବା ପାଇଁ ବୁଲୁଛନ୍ତି। ସେ ଅଳରେ ଅନେକ ଧନସମ୍ପତି ଓ ଗଛଲତା ନଷ୍ଟ କରୁଛନ୍ତି। ବନବିଭାଗ ସୂଚନା ପାଇଲେ ନାମକୁ ମାତ୍ର ଘଉଡାଇବା କାମ କରୁଛନ୍ତି। ସେମାନଙ୍କ ପାଇଁ କୌଣସି ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ବନବିଭାଗ ପାଖରେ ନାହିଁ। ଗତକାଲି ଲାନକୋ ଅଞ୍ଚଳରେ ରହୁଥିବା ହାତୀମାନଙ୍କ ମଧ୍ୟରୁ ପ୍ରାୟ ୧୮ ଟି ହାତୀ ପଲ କୁରୁଣ୍ଟି ଓ କୁଶୁପଙ୍ଗା ଅଞ୍ଚଳରେ ବୁଲି ବୁଲି ରେଳପଥ କଡ଼ରେ ଥିବା ଧରଣୀଧର ନାୟକଙ୍କ ପୁଅ ନିଶାମଣୀ ନାୟକଙ୍କ ବାଡ଼ିରେ ଥିବା ୪୨ଟି ନଡ଼ିଆ ଗଛ ଭାଙ୍ଗି ଓପାଡି କନ୍ଦା ଖାଇଥିଲେ। ଘର ଝରକା, ଲୁହା କବାଟ ବିମ୍ ଭାଙ୍ଗି ଘର ଭିତରକୁ ଠେଲି ଦେବାରୁ ଘର ଭିତରେ ଥିବା ଗଡ଼ରେଜ, ଫ୍ରିଜ୍, କୁଲର, ବାକସ, ଡେକଚି ଆଦି ସମସ୍ତ ସାମଗ୍ରୀ ଭାଙ୍ଗି ଛାରଖାର କରିଛନ୍ତି। ଏହି ହାତୀ ଆକ୍ରମଣରେ ଘରଭିତରେ ଶୋଇଥିବା ନିଶାମଣୀ, ତାଙ୍କ ସ୍ତ୍ରୀ ଓ ପୁଅ ଦୁଇଜଣ ଅଳ୍ପକେ ରକ୍ଷା ପାଇଥିବା ଜଣାପଡ଼ିଛି। ନିଶାମଣୀର ଡାହାଣହାତ ସାମାନ୍ୟ ଆହତ ହୋଇଛି। ହାତୀପଲ ସେଠାରୁ ହାତୀପଲ ଉଦୟନାଥ ସ୍ୱାଇଁଙ୍କ ପୁଅ ଗଙ୍ଗାଧର ସ୍ୱାଇଁଙ୍କ ସାମନାପାଖ ଚାଳଘରସବୁ ଠେଲି ଭାଙ୍ଗି ଦେବା ସହିତ ଘରଭିତରେ ଥିବା ଚାଉଳ, ଅଟା, ଡାଲି, ପନିପରିବା ଖାଇଦେବା ସହିତ ସମସ୍ତ ଆସବାବପତ୍ର ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଘରଭିତରେ ଥିବା ଗଙ୍ଗାଧର, ତା ସ୍ତ୍ରୀ, ପୁଅ ବୋହୂ ଓ ନାତୁଣୀ ସୁରକ୍ଷିତ ରହିଯାଇଛନ୍ତି। ସେହିପରି ରେଣୁ ବେହେରାଙ୍କ ଦୁଇବଖରା ଘରକାନ୍ଥ ଭାଙ୍ଗି ଚାଉଳ ଓ ଭାତ ଆଦି ଖାଇ ଦେଇଛନ୍ତି। ବିଜୟ ନାଏକଙ୍କ ଝିଅ ଜ୍ୟୋତ୍ସ୍ନା ନାଏକଙ୍କ ନୂଆ ଭାବେ ତିଆରି ହୋଇଥିବା ଘରର ଆଜବେଷ୍ଟସ୍ ଚାଳ ଭାଙ୍ଗି ଦେବା ସହିତ କବାଟଟି ଠେଲି ଭାଙ୍ଗି ଦେଇଛନ୍ତି। ବନବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।

## ଜନମଞ୍ଚ ଦ୍ୱାରା ବିରାଟ ଜନସଭା ଆୟୋଜିତ

**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଅନ୍ତର୍ଗତ ମହାଦିଆ ଗ୍ରାମର ଆଶ୍ରମ ବିଦ୍ୟାଳୟ ଠାରେ ଗୁଣଦେଇ ଗ୍ରାମପଞ୍ଚାୟତର ଜନମଞ୍ଚ ଦ୍ୱାରା ବିରାଟ ଜନସଭା ଆୟୋଜନ କରାଯାଇଥିଲା। ଦୀର୍ଘ ୪ ବର୍ଷ ଧରି ଗଇଲୋ ବସ୍ଷ୍ଟାଣ୍ଡ ନିକଟରେ ଚଲାପଥ ସୁଡ଼ଙ୍ଗ ନିର୍ମାଣ ବିରୁଦ୍ଧରେ ପଞ୍ଚାୟତବାସୀ ଯେଉଁ ସଂଗ୍ରାମ ଜାରି ରଖିଥିଲେ, ତା'ର ସମାପ୍ତି ଘଟି ପ୍ରାରମ୍ଭରୁ ୫୫ନଂ ଜାତୀୟ ରାଜପଥ ଗୁଣଦେଇ ଗ୍ରାମପଞ୍ଚାୟତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହୋଇଯାଇଛି। ଏହି ସଫଳତା ପାଇଁ ଜିଲ୍ଲାପାଳ, ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ କରାଯାଇଥିବା ପତ୍ରାଳାପ ଏବଂ ଯୋଗାଯୋଗ ସମସ୍ତ ଦସ୍ତାବିଜ୍ର ସମାହାରରେ ୪୦୦ ପୃଷ୍ଠା ବିଶିଷ୍ଟ ପୁସ୍ତକ ଜନମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ପୁସ୍ତକଟିର ମୁଖବନ୍ଧ ଏବଂ କୃତଜ୍ଞତା ଜ୍ଞାପନ ପୃଷ୍ଠା ସଭାପତିଙ୍କ ଦ୍ୱାରା ଲେଖାଯାଇଥିବା ବେଳେ, ସାଂସଦଙ୍କ ଶୁଭେଚ୍ଛା ବାର୍ତ୍ତା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସଫଳତାର ବାର୍ତ୍ତା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କର ବାର୍ତ୍ତା ଗୁଡିକ ପୁସ୍ତକରେ ସଂକଳିତ କରାଯାଇଛି। ଜନମଞ୍ଚର ମୁଖ୍ୟ କର୍ମକର୍ତ୍ତାଙ୍କ ଫଟୋଚିତ୍ର, ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଓ ଫଟୋଚିତ୍ର, ଗଣମାଧ୍ୟମର ପ୍ରକାଶିତ ଖବରଗୁଡିକ ପୁସ୍ତକଟିରେ ପ୍ରକାଶିତ ହୋଇଛି। ସଭାପତି ଅନ୍ତର୍ଯ୍ୟାମୀ ବରାଳ ଆନୁଷ୍ଠାନିକ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। କର୍ମକର୍ତ୍ତା ଏବଂ ପଞ୍ଚାୟତର ମୁଖ୍ୟ ବ୍ୟକ୍ତିବିଶେଷ ଧନେଶ୍ୱର ଦେହୁରୀ, ପିତାମ୍ବର ରାଉତ, ବିରେନ୍ଦ୍ର କୁମାର ଲେଙ୍କା, ଦିବ୍ୟସିଂହ ବରାଳ, ମହେନ୍ଦ୍ର କୁମାର ବରାଳ, ଗିରିଶ ଚନ୍ଦ୍ର ଲେଙ୍କା, ଅରୁପ ମହାପାତ୍ର, ଅଶୋକ କୁମାର ପୃଷ୍ଟି, ସୁଶାନ୍ତ କୁମାର ଲେଙ୍କା, ପ୍ରଶାନ୍ତ କୁମାର ମହାନ୍ତି, ବିଭୂତି ଭୂଷଣ ବରାଳ, ବୈକୁଣ୍ଠ ବରାଳ, ରମେଶ ଚନ୍ଦ୍ର ଲେଙ୍କା, ସୁଧାକର ବରାଳ, ବାସନ୍ତୀ ଦେହୁରୀ, ଆର୍ତ୍ତତ୍ରାଣ ଦେହୁରୀ ପ୍ରମୁଖ ଯୋଗଦାନ ଦେବା ସହିତ ପଞ୍ଚାୟତରେ ୱାର୍ଡ ସଭ୍ୟ-ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସହସ୍ରାଧିକ ସଂଖ୍ୟାରେ ଉପସ୍ଥିତ ଥିଲେ। ମାଧବାନନ୍ଦ ଦେହୁରୀ, ବୈଜୟନ୍ତ ମହାନ୍ତି, ଧନେଶ୍ୱର ଦେହୁରୀ, ବିରେନ୍ଦ୍ର କୁମାର ଲେଙ୍କା ନିଜ ନିଜର ବ୍ୟକ୍ତବ୍ୟ ରଖି ପଞ୍ଚାୟତବାସୀଙ୍କ ସହଯୋଗ ଏବଂ ମିଳିତ ସଂଗ୍ରାମ ପାଇଁ ସଫଳତା ପାଇଛେ ବୋଲି ପ୍ରକାଶ କରିଥିଲେ। ବୈକୁଣ୍ଠ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତରେ ଜନସାଧାରଣ ବହୁତ ଖୁସି ଅନୁଭବ ପ୍ରକାଶ କରିଥିଲେ।

## ପାରାଦୀପ ରାସ୍ତା ପାଲଟିଛି ମରଣଯନ୍ତା

# ବେପରୁଆ ଗାଡି ଚାଳନା; ମାସକରେ ଗଲାଣି ୩ ଜୀବନ

**ପାରାଦୀପ, ୧୦।୪(ସମିସ)**

ପାରାଦୀପରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାସକ ମଧ୍ୟରେ ତିନି ତିନିଟା ନିରୀହ ଜୀବନ ଟ୍ରକ ଚକା ତଳେ ଯାଇଥିବା ବେଳେ ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବାରେ ଶିଳ୍ପାଞ୍ଚଳ ପୁଲିସ ସମ୍ପୂର୍ଣ୍ଣ ଫେଲ ମାରିଛି। ତେବେ ଏହା ବ୍ୟତୀତ ପ୍ରତ୍ୟକ ଦିନ ଛୋଟ ବଡ ହୋଇ ଆହୁରି ବହୁ ଦୁର୍ଘଟଣା ମଧ୍ୟ ଘଟୁଛି। ନିଶାସକ୍ତ ଡ୍ରାଇଭର ମାନଙ୍କର ବେପରୁଆ ଗାଡି ଚାଳନା ଏହାର ପ୍ରମୁଖ କାରଣ ପାଲଟି ଥିବା ବେଳେ ପାରାଦୀପ ରେ ଥିବା ଟ୍ରକ ମାଲିକ ସଙ୍ଘ ମାନଙ୍କର ଡ୍ରାଇଭରମାନଙ୍କ ପ୍ରତି ଥିବା ମନମୁଖୀ ଶାସନ ବ୍ୟବସ୍ଥା ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଛି। ଖାଲି ଯେ, ପୁଲିସ ପ୍ରଶାସନ ଉପରେ ଦୋଷ ଲଦି ଦେଇ ରହିଗଲେ ହେବନି, ପ୍ରତ୍ୟକ ଗାଡି ମାଲିକ ସେମାନଙ୍କ ଡ୍ରାଇଭରଙ୍କୁ ନିଜ ଆୟତ୍ତ ମଧ୍ୟରେ ରଖିବା ଆବଶ୍ୟକ। ଅଠରବାଙ୍କୀରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁ ଅଞ୍ଚଳ ଗୁଡିକ ନୋ-ପାର୍କିଂ ଜୋନ ଭାବେ ଘୋଷଣା କରାଯାଇଛି ତାକୁ ବି କେହି ମାନୁଥିବା ଦେଖାଯାଉନି। ଅଠରବାଙ୍କୀ, ଟର୍ମିନାଲ ଛକ, ତାରିଣୀ ଗଡ଼ା, ଦୋଛକି ଓ ପାରାଦୀପ ଗଡ଼ ଭଳି ଜାଗାରେ ଟ୍ରାଫିକ ପୁଲିସର ନିହାତି ଆବଶ୍ୟକ ଥିବା ବେଳେ କିଛି ସ୍ୱେଚ୍ଛାସେବୀଙ୍କ ହାତକୁ ତାହା ଟେକି ଦିଆଯାଇଛି। କାଁ ଭାଁ ପୁଲିସ ସେ ଜାଗାରେ ରହୁଥିଲେ ବି ଟ୍ରାଫିକ ନିୟନ୍ତ୍ରଣ ହେଉନି। ଏପରିକି ପିସିଆର ଭ୍ୟାନ ଖାଲି ପଇଁତରା ମାରୁଥିଲେ ବି ଭାରିଯାନ ଗୁଡିକର ବେପରୁଆ ଗାଡି ଚାଳନା ଉପରେ ଲଗାମ ଲାଗିପାରୁନି। ତେବେ ଯେଉଁଠି ଟ୍ରକ ମାଲିକ ଓ ଚାଳକମାନେ ପ୍ରଶାସନ ନିୟମକୁ ବେଖାତିରି କରୁଛନ୍ତି ସେଭଳି ସ୍ଥିତିରେ ସାଧାରଣ ଜନତା କରିବେ ବା କ'ଣ। ତେଣୁ ଜିଲ୍ଲା ପରିବହନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଶିଳ୍ପାଞ୍ଚଳ ପୁଲିସ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ନଚେତ ଆଗକୁ ଦୁର୍ଘଟଣାରେ ଶହ ଶହ ଜୀବନ ଚାଲିଯିବ। ରାସ୍ତାଘାଟ ସାଙ୍ଗକୁ ବେପରୁଆ ଗାଡି ଚଳାଚଳ ଯେପରି ମୃତ୍ୟୁକୁ ହାତ ଠାରି ଡାକୁଥିବା ଭଳି ଅନୁମାନ କରାଯାଉଛି।

# ଅଠରବାଙ୍କୀ ଡାକ୍ତରଖାନା ରାସ୍ତାରେ ବଢ଼ୁଛି ବେଆଇନ ପାର୍କିଂ



**ପାରାଦୀପ, ୧୦।୪(ସମିସ):** ଅଠରବାଙ୍କୀ ରେ ଥିବା ଏକମାତ୍ର ସରକାରୀ ଡାକ୍ତରଖାନା ବିଜୁ ମେମୋରିଆଲ ହସ୍ପିଟାଲକୁ ଯିବାକୁ ହେଲେ ବହୁ ଅସୁବିଧାରେ ଯାଇ ପହଞ୍ଚିବାକୁ ପଡୁଛି। ବିଶେଷକରି

**● ମଦ ଦୋକାନ ପାଇଁ ଗହଳି ହେଉଛି**

ଡାକ୍ତରଖାନାକୁ ମୁଖ୍ୟ ରାସ୍ତାରୁ ସଂଯୋଗ କରୁଥିବା ରାସ୍ତାଟି ଅଧିକାଂଶ ସମୟରେ ଜାମ ରହୁଛି। ରାସ୍ତାର ତଳକୁ ଥିବା ମଦ ଦୋକାନ ଏହାର ପ୍ରମୁଖ କାରଣ ପାଲଟିଛି। ଏହା ବ୍ୟତୀତ ଏହି ରାସ୍ତା କଡରେ ଏକାଧିକ ମଦ ଦୋକାନ ଥିବାରୁ ମଦୁଆଙ୍କ ଉତ୍ପାତ ରାସ୍ତା ଉପରେ ଦେଖିବାକୁ ମିଳୁଛି। ଦୋକାନ ଗୁଡିକ ସାମ୍ନାରେ ଲୋକେ ବାଇକ ଥୋଇ ଦୋକାନ ସାମ୍ନା ଓ ଆଖପାଖରେ ଖୋଲାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ଏପରିକି ଡାକ୍ତରଖାନାକୁ ଯାଉଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଗାଡି ହର୍ଣ୍ଣ ମାରିଲେ ମଧ ମଦୁଆମାନେ ରାସ୍ତାରୁ ହଟୁ ନାହାନ୍ତି। ଏଥିସହ ଏହି ରାସ୍ତା କଡରେ ଅନେକ ଗାଡି ଗ୍ୟାରେଜ ଥିବା ଓ ବିଶେଷକରି ଡାକ୍ତରଖାନାକୁ ଲାଗି ରହିଥିବା ଭାରିଯାନ ଗ୍ୟାରେଜ ଗୁଡିକୁ ଆସୁଥିବା ଗାଡି ଗୁଡିକ ଯୋଗୁଁ ଅନେକ ସମୟରେ ରାସ୍ତା ଜାମ ରହୁଛି। ଫଳରେ ଗୁରୁତର ରୋଗୀ ଆମ୍ବୁଲାନ୍ସରେ ଆସିଲେବି ଜାମ ଲାଗି ବିଳମ୍ବ ହେଉଛି। ଏହି ଡାକ୍ତରଖାନା ଉପରେ କେବଳ ପାରାଦୀପ ଶିଳ୍ପାଞ୍ଚଳ ନୁହେଁ ଆଖପାଖ କୁଜଙ୍ଗ, ଏରସମା ତଥା ପଡୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକେ ନିର୍ଭର କରୁଛନ୍ତି। କିନ୍ତୁ ଡାକ୍ତରଖାନା ଯିବା ମୁଖ୍ୟ ରାସ୍ତାରେ ବଢ଼ୁଥିବା ବେଆଇନି ପାର୍କିଂ ଭିଡ଼ ଓ ଗହଳି ସମସ୍ୟା ସୃଷ୍ଟି କରୁଛି। ଏ ଦିଗରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପାରାଦୀପ ଅଞ୍ଚଳରେ ପିଲା ଚୋରି ଆତଙ୍କ

**ପାରାଦୀପ, ୧୦।୪(ସମିସ):** ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳରେ ଏବେ କିଛିଦିନ ହେବ ପିଲାଚୋରି ଆତଙ୍କ ସୃଷ୍ଟି ହୋଇଛି। ଭିକ୍ଷା କରିବା ଆଳରେ ମହିଳା ଓ ପୁରୁଷ ସହର ସମେତ, ବସ୍ତି ଓ ଗାଁ ମାନଙ୍କରେ ବୁଲି ବୁଲି ନିଛାଟିଆ ଦେଖି ପିଲାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଉଠାଇ ନେଉଥିବା ଆଲୋଚନା ହେଉଛି। ଗତ ଦୁଇ ଦିନ ତଳେ ଉଦୟଭଟ ଅଞ୍ଚଳରେ ଜଣେ ଯୁବକ ବସ୍ତି ଅଞ୍ଚଳରେ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଁଚି ଯୁବକକୁ ଥାନାକୁ ଆଣି ପଚରାଉଚରା କରିବା ପରେ ତା ନିକଟରୁ କଟୁରି, ବ୍ଲେଡ଼ ପାତ ଆଦି ମିଳିଥିଲା। ସେହିପରି ଆଜି ସନ୍ଧ୍ୟାରେ ପାରାଦୀପଗଡ଼ ମୁଣ୍ଡାପଡ଼ା ବସ୍ତି ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହେବାପରେ ସ୍ଥାନୀୟ ଲୋକେ ସବୁଆଡେ ଖେଦି ଯାଇଥିଲେ। ହେଲେ ଲୁଟେରା ପିଲାକୁ ଛାଡି କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ପରିବାର ଲୋକେ ପୁଲିସକୁ ଜଣାଇବା ପରେ ପୁଲିସ ଓ ଗ୍ରାମବାସୀ ଲୁଟେରାକୁ ଧରିବା ପାଇଁ ସବୁଆଡେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇ ନଥିଲେ। ତେବେ ଏନେଇ ପାରାଦୀପଗଡ଼ ଅଞ୍ଚଳରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ସମାଜ ବିଜ୍ଞାନ ବିଭାଗର ସମ୍ବର୍ଦ୍ଧନା ଉତ୍ସବ

**ତିର୍ତ୍ତୋଲ, ୧୦।୪(ସମିସ):** ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ମୂଳିସିଂ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରିଣୀ ସ୍ନିଗ୍ଧା ସିଂ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ନରେଶ ମହାପାତ୍ର ଏବଂ ସମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ମାମାଲି ଶୁଭସ୍ମିତା ବେହେରା ଯୋଗଦେଇ ସମାଜ ବିଜ୍ଞାନ ଏକ ଗୁରତ୍ୱପୂର୍ଣ୍ଣ ବିଭାଗ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ମାମାଲି ଶୁଭସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଗୋସ୍ୱାମୀ ମନ୍ଦିରର ପ୍ରତିଷ୍ଠା ଦିବସ

**ଜଗତସିଂହପୁର, ୧୦।୪(ସମିସ):** ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଯଁକୋଟି ପଞ୍ଚାୟତ ବିରିବାଟି ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥ ଗୋସ୍ୱାମୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୭୫ ବର୍ଷ ତଳେ ଏଠାରେ ତ୍ରୀନାଥ ଗୋସ୍ୱାମୀଙ୍କର ଆବିର୍ଭାବ ହୋଇଥିଲା। ପ୍ରଥମେ ଗୋସ୍ୱାମୀଙ୍କୁ ଏକ ଅଶ୍ୱତ୍ଥ ଗଛ ମୂଳରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମବାସୀମାନଙ୍କ ସାହାଯ୍ୟ ସହଯୋଗରେ ଏକ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ଉତ୍ସବରେ ପ୍ରଥମେ ରୀତିନିତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହା ପରେ ଚତୁର୍ଥ ପ୍ରହର ନାମ ସଂକୀର୍ତ୍ତନ ସହିତ ପ୍ରଭୁଙ୍କର ମେଳା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗ୍ରାମର ସମସ୍ତ ଲୋକ ସାମିଲ ହୋଇଥିଲେ।

## ଦୁଇ ମୋବାଇଲ୍ ଜବତ, ଜଣେ ଗିରଫ

**କୁଜଙ୍ଗ, ୧୦।୪(ସମିସ):** କୁଜଙ୍ଗ ଥନା ବଳରାମପୁର ଗ୍ରାମର ସାମ୍ବାଦିକ ହରିଗୁରୁଦାସଙ୍କ ଘରୁ ଜଣେ ଯୁବକ ଦୁଇ ମୋବାଇଲ୍ ସହ ଅନ୍ୟାନ ସାମଗ୍ରୀ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। କୁଜଙ୍ଗ ପୁଲିସ୍ ଅଭିଯୁକ୍ତ ମୁନା ତରାଇଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଦୁଇଟି ମୋବାଇଲ ଜବତ କରିଛି। ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ତାକୁ ଅଦାଲତ ଚାଲଣ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ସୂଚନା ଦେଇଛି।

# ବିଜେଡି ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ସମ୍ବର୍ଦ୍ଧନା



**ତିର୍ତ୍ତୋଲ, ୧୦।୪(ସମିସ):** ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡ. ରମାକାନ୍ତ ଭୋଇଙ୍କୁ ଗୋବିନ୍ଦପୁର ପଞ୍ଚାୟତ ବିଜୁ ଜନତା ଦଳ ତରଫରୁ ଆଜି ସନ୍ଧ୍ୟାରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ନାୟକ, ବରିଷ୍ଠ ନେତା ଦେବ ମହାନ୍ତି, ଅଜିତ ପ୍ରଧାନ, ବାପି ନାୟକ, ରାଜା ତାରେଣିଆ, ମହିଳା ବିଜେଡି ନେତ୍ରୀ ସୁପ୍ରିୟା ନାୟକ, ୱାର୍ଡସଭ୍ୟା ମଞ୍ଜୁରୀ ବାଳା ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, ବାଦଲ ମଲ୍ଲିକ, ଦିଲୁ ରାଉଳଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ପରେ ଡ.ଭୋଇ ଅଗ୍ନିକାଣ୍ଡରେ ଗୃହଶୂନ୍ୟ ହୋଇଥିବା ଗୋବିନ୍ଦପୁର ଗ୍ରାମର କାଦମ୍ବିନୀ ସେଠୀଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ତିର୍ତ୍ତୋଲ ଓକିଲ ସଂଘର ଶପଥ ପାଠ ଉତ୍ସବ

**ତିର୍ତ୍ତୋଲ, ୧୦।୪(ସମିସ):** ତିର୍ତ୍ତୋଲ ଓକିଲ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ସଂଘର ସଭାଗୃହ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ସତ୍ୟଜିତ ମହାପାତ୍ର ଓ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ଯୋଗଦେଇ ନବନିର୍ବାଚିତ ସଭାପତି ଆହ୍ଲାଦ କୁମାର ପରିଜା, ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ମହାନ୍ତି, ଗୋଲେଖ ଚନ୍ଦ୍ର ବେହେରା ଓ ରଞ୍ଜିତା ମହାନ୍ତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଜେଏମଏଫସି ଅଦାଲତର ଏପିପି ସସ୍ମିତା ନାୟକ, ବରିଷ୍ଠ ଆଇନଜୀବୀ କ୍ରମେଡ ବାସୁଦେବ, ସୁଧୀର ଖୁଣ୍ଟିଆ, ସୁବୋଧ ଖୁଣ୍ଟିଆ, ଜୀବନ ବଲ୍ଲଭ ମହାନ୍ତି, ରମେଶ ଦଳାଇ, ଉମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ରାୟ, କିଶୋର ମହାପାତ୍ର ଓ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅମୀୟ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଯୁକ୍ତ ୩ ଶେଷବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବିରିଡି, ୧୦।୪(ସମିସ):** ଅଳକା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ପ୍ରଧାପକ ଡ଼ ଜ୍ୟୋତିପ୍ରକାଶ ସାମନ୍ତରାୟଙ୍କ ସଂଯୋଜନାରେ ମହାବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ବିଭାଗୀୟ ପରାମର୍ଶଦାତା ଡ଼. ପ୍ରଶାନ୍ତ କିଶୋର ପରିଡ଼ା ପୌରହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ଡ଼ ମଞ୍ଜୁଲତା ଦାଶ ଓ ପ୍ରଧ୍ୟାପକ ହିମାଂଶୁ ଶେଖର ରାୟ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ଆଗକୁ ବଢ଼ିବାର ଅନେକ ଉପାଦେୟ କଥା କହିଥିଲେ। ସଭାପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼ ରୁଦ୍ରନାରାୟଣ ମିଶ୍ର ସ୍ୱାଗତ ଭାଷଣ ରଖିଥିଲେ। ଅଧାପିକା କଳ୍ପନା ସାହୁ, ଶୁଚିସ୍ମିତା ବେହେରା, ବିଜିତା ମହାନ୍ତି, ରାଧାରାଣୀ ମାଝୀ, ଜି ସତୀଶ କୁମାର, ସଞ୍ଜୟ ମିଶ୍ର, ପ୍ରମୋଦ ନାୟକ, ଚୁମନ ବେହେରା, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଦ୍ୱିତୀୟ ବର୍ଷର ଛାତ୍ର ମୁଜାଫର ଖାଁ, ଆଜମେରୀ ଖାନ ମଞ୍ଚ ପରିଚାଳନା କରିଥିଲେ। ଡ଼ ଜ୍ୟୋତିପ୍ରକାଶ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




# ଓଡ଼ିଆ ଦାଦନ ଶ୍ରମିକଙ୍କ ଆନ୍ଧ୍ରରେ ମୃତ୍ୟୁ

**ଜଗତସିଂହପୁର, ୧୦।୪(ସମିସ):** ଜିଲ୍ଲାର ଏରସମା ବ୍ଲକ ଭିତରଅନ୍ଧାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଉଳପଡ଼ା ଗ୍ରାମର କାଳନ୍ଦୀ ମଲ୍ଲିକଙ୍କ ଆନ୍ଧ୍ରରେ ମୃତ୍ୟୁ ଘଟିଛି। ସେ ଆନ୍ଧ୍ରର ଏକ କମ୍ପାନୀରେ କାମ କରୁଥିବା ସମୟରେ ଦୁର୍ଘଟଣା ଘଟି ଗୁରୁତର ହୋଇଥିଲେ। ପରେ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୂଚନା ଅନୁସାରେ, ବଉଳପଡ଼ା ଗ୍ରାମର ଟହଲି ମଲ୍ଲିକଙ୍କ ଏକ ମାତ୍ର ରୋଜଗାରିଆ ପୁଅ କାଳନ୍ଦୀ ଆନ୍ଧ୍ରପ୍ରଦେଶ ର ତିରୁପତି ଅଞ୍ଚଳର ପି ଆର୍ ରୋଲିଂ ମିଲ୍ସ ନାମକ ଘରୋଇ କମ୍ପାନୀରେ ଦୀର୍ଘଦିନ ଧରି କାମ କରୁଥିଲେ। ସେ କାମ କରୁଥିବା ସମୟରେ ଏକ ଗରମ ଲୁହା ରଡ୍ ଗତ ମାର୍ଚ୍ଚ ୩୧ରେ ତାଙ୍କ ଦେହରେ ବାଜିବା ପରେ ସଂକ୍ରମଣ ହୋଇ ଶୋଚନୀୟ ହୋଇଯାଇଥିଲା। ଗତ ଏପ୍ରିଲ ୪ ତାରିଖରେ ସଂକଟାପନ୍ନ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଉକ୍ତ କମ୍ପାନୀ ପକ୍ଷରୁ ତାଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ତାଙ୍କ ଘରକୁ ପହଞ୍ଚାଇ ଦିଆଯାଇଥିଲା। ଏନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟିହେବା ସହିତ ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ କରାଯାଇଥିଲା। ତାଙ୍କର ବୁଢା ବାପା ମା' ଏବଂ ସ୍ତ୍ରୀ ଓ ୩ ଝିଅ ଓ ଗୋଟିଏ ଦୁଇ ବର୍ଷ ପୁଅ ଏବେ ବେସାହାରା ହୋଇପଡ଼ିଛନ୍ତି। ପରିବାର ର ଆର୍ଥିକ ସ୍ଥିତି ଅତି ଶୋଚନୀୟ ଥିବାରୁ ଓ ତାଙ୍କ ରୋଜଗାର ଉପରେ ସାରା ପରିବାର ନିର୍ଭର କରୁଥିବାରୁ ଆଗକୁ ସେମାନେ କେମିତି ଚଳିବେ ସେହି ଚିନ୍ତାରେ। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ରାମ ନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ପାରାଦୀପ, ୧୦।୪(ସମିସ):** ଚଳିତ ମାସ ୧୭ରେ ରାମ ନବମୀ ଅନୁଷ୍ଠିତ ହେବ। ଏହି ଅବସରରେ ପାରାଦୀପ ଉପକଣ୍ଠ ବିଶ୍ୱାଳି ପଞ୍ଚାୟତ କୋଲଡିଆ ଗ୍ରାମରେ ରାମ ନବମୀ ଉତ୍ସବକୁ ମହାବୀର କ୍ଲବ ପକ୍ଷରୁ ମହାସମାରୋହରେ ପାଳନ ପାଇଁ ଆଜି ଗ୍ରାମର ବରିଷ୍ଠ ନାଗରିକ ଓ କ୍ଲବର ଯୁବକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ରାମ ନବମୀ ପାଇଁ ଗାଁରେ ୯ ଦିନ ଧରି ହୋମ ଯଜ୍ଞ, ୧୦୮ କଳସ ଶୋଭାଯାତ୍ରା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ସ୍ଥିର ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମକୁ ନେଇ ଆଗକୁ କ'ଣ ସବୁ ନୂତନ କାର୍ଯ୍ୟପନ୍ଥା ନିଆଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ମହିଳାଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

**ବିରିଡି, ୧୦।୪(ସମିସ):** ବିରିଡି ଥାନା ମଙ୍ଗୁଲି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଗ୍ରାମର ବିପିନ ବିହାରୀ ମୁଦୁଲିଙ୍କ ସ୍ତ୍ରୀ ସରୋଜିନୀ ମୁଦୁଲି (୩୯) ଗତ ମଙ୍ଗଳବାର ରାତିରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଘରୋଇ ଋଣ ସଂସ୍ଥାକାରୀଙ୍କ ଜୁଲମ ଓ ଋଣ ସୁଝିବାକୁ ନେଇ ଚାପ ସୃଷ୍ଟି କରାଯିବା ଯୋଗୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ଘରେ କେହି ନ ଥିବାବେଳେ ସରୋଜିନୀ ଫ୍ୟାନରେ ଶାଢୀ ସହାୟତାରେ ଝୁଲିପଡ଼ି ଆତ୍ମହତ୍ୟା କରିଥିଲେ। ତାଙ୍କୁ ଉଦ୍ଧାର କରି ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଚଳାଇଛି।

# ଅବନାଘର ପକ୍ଷରୁ ହାନୀମାନଙ୍କ ଜୟନ୍ତୀ ପାଳିତ

**କୁଜଙ୍ଗ, ୧୦।୪(ସମିସ):** କୁଜଙ୍ଗ ବ୍ଲକ ପାତ୍ରଛକ ସ୍ଥିତ ପ୍ରମୁଖ ସେବା ଓ ଆଧ୍ୟାତ୍ମିକ ସଂଗଠନ 'ଅବନାଘର ପକ୍ଷରୁ' ହୋମିଓପାଥୀର ଜନକ ସି ଏଫ୍ ସାମୁଏଲ୍ ହାନିମାନଙ୍କ ଜୟନ୍ତୀ ପାଳନ ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବନାଘରର ପ୍ରମୁଖ ଗିରିଧାରୀ ସାହୁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସମିତିର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ ଯୋଗଦେଇ ୧୭୫୫ର ଅଜିର ଦିନରେ ଏହି ଯୋଗଜନ୍ମା ବ୍ୟକ୍ତିତ୍ୱ ସ୍ୱଳ୍ପ ଖର୍ଚ୍ଚରେ ରୋଗକୁ ମୂଳୋତ୍ପାଟନ ପାଇଁ ଯେଉଁ ନୂତନ ବିଦ୍ୟା ଦେଇଥିଲେ ତାହା ପାଇଁ ସାରା ବିଶ୍ୱ ଆଜି ଋଣୀ। ଏହି ଅବସରରେ ଆଇନଜୀବୀ ବିଚିତ୍ରାନନ୍ଦ ସ୍ୱାଇଁ, ବାସୁଦେବ ଦାସ, ଦିଲିପ ଖଟୁଆ, ପ୍ରମୋଦ ଦାସ, ଆଇନଜୀବୀ ନିର୍ମଳ ସାହୁ, ବୈକୁଣ୍ଠ ଗୋଛାୟତ, ରଞ୍ଜନ କୁମାର ସାହୁ, ମନୋରଞ୍ଜନ ରାଉତ, ଶୁକଦେବ ଦାସ ପ୍ରମୁଖ ଯୋଗଦେଇ ଏହି ଯୋଗଜନ୍ମା ବ୍ୟକ୍ତିଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ହୋମିଓପାଥି ଆଜି ବିଶ୍ୱରେ ଚିକିତ୍ସା କ୍ଷେତ୍ରରେ ୨ୟ ବୃତ୍ତମ ସାଧନ ବୋଲି କହିଥିଲେ।



# ହେନ୍ତାଳ ଜଙ୍ଗଲ ସୃଷ୍ଟି ପାଇଁ ପ୍ରୟାସ

**ପାରାଦୀପ, ୧୦।୪(ସମିସ)**



ସମୁଦ୍ର ଉପକୂଳରେ ହେନ୍ତାଳ ଜଙ୍ଗଲ ସୃଷ୍ଟି ପାଇଁ ଅଣ୍ଟା ଭିଡିଛନ୍ତି ନୀଳଚକ୍ର ୟୁଥ କ୍ଲବ୍‌ର ଯୁବ ଗୋଷ୍ଠୀ। ପାରାଦୀପ ସମୁଦ୍ରକୂଳ ଓ ସମୁଦ୍ରକୁ ଲାଗିଥିବା ନଦୀ କୂଳରେ ହେନ୍ତାଳ ଜଙ୍ଗଲ ସୃଷ୍ଟି ପାଇଁ ଆରମ୍ଭ ହୋଇଛି ପକ୍ରିୟା। ପୂର୍ବରୁ ଓଡ଼ିଶାର ୪୮୦ କିଲୋମିଟର ବ୍ୟାପି ସମୁଦ୍ର କୂଳ ଓ ସମୁଦ୍ରକୁ ଲାଗି ରହିଥିବା ନଦୀ ଗୁଡିକରେ ରହିଥିଲା ବିସ୍ତୀର୍ଣ୍ଣ ହେନ୍ତାଳ ବଣ। ଯାହା ବାତ୍ୟା, ବନ୍ୟା ଓ ସାମୁଦ୍ରିକ ଢେଉକୁ ପ୍ରତିହତ କରିବାରେ ସହାୟକ ହେଉଥିଲା। ମାତ୍ର ଏବେ ଏହି ହେନ୍ତାଳ ବଣ ବିଲୁପ୍ତ ହେବାରେ ଲାଗିଛି। ଯାହାକୁ ଦୃଷ୍ଟିରେ ରଖି ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ କ୍ଲବ ପକ୍ଷରୁ ହେନ୍ତାଳ ବଣ ସୃଷ୍ଟି ପାଇଁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ବୁଧବାର ପାରାଦୀପ ସ୍ଥିତ ମା' ଅମ୍ବିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କ୍ଲବର ସଭାପତି ଦେବ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥୀ ଭାବେ ମା' ଅମ୍ବିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରହ୍ଲାଦ ନାୟକ, ଦେବେନ୍ଦ୍ର ମହାପାତ୍ର, ବିଚିତ୍ରାନନ୍ଦ ଡାଲୁଆ, ଶାନ୍ତିଲତା ଦାସ, କେଶବ ଚରଣ ସ୍ୱାଇଁ, ଭ୍ରମରବର ପ୍ରଧାନ, ସବିତା ସ୍ୱାଇଁଙ୍କ ସମେତ କ୍ଲବର ଉପଦେଷ୍ଟା ବିଶିଷ୍ଟ ପରିବେଶବିତ ଅମରେଶ ନରେଶ ସାମନ୍ତ, ବିଶ୍ୱଭୂଷଣ ରାଉତରାୟ, ସମୀର କୁମାର ସାହୁ, ଲୋକନାଥ ବେହେରା ପ୍ରମୁଖ ଯୋଗଦେଇ ହେନ୍ତାଳ ବଣର ଉପକାରୀତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ମହତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ତ୍ରିନାଥ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମଧୁସ୍ମିତା ସାମଲ, ରୋଜାଲିନ ମହାନ୍ତି, ଗୀତାଞ୍ଜଳି ନାୟକ, ପ୍ରତିମା ବେହେରା, ମାନିନୀ ବେହେରା, ସାବିତ୍ରୀ ବେହେରା ପ୍ରମୁଖ ସଦସ୍ୟା ମାନେ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। କାଉଡିଆ ନଦୀର ଅଠରବାଙ୍କି ପୋଲ ନିକଟରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ପାଖାପାଖି ୭ କିଲୋମିଟର ର ଉଭୟ ପାର୍ଶ୍ୱରେ ସିନ୍ଧୁକା, ରାଇ, ଗରଣୀ, ବହ୍ନି ପ୍ରଜାତିର ଗଛ ଲଗାଇବା ଆରମ୍ଭ ହୋଇଛି।

## ମୁଗ ଚାଷୀଙ୍କୁ ଜିଏସ୍‌ଟି ନାଁରେ ଶୋଷଣ

# ୧୫୬୦ ଟଙ୍କା ପାଇଁ ଦାବି କରୁଛନ୍ତି ୪୫୦ ଟଙ୍କା

ଗରଦପୁର, ୧୦।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକରେ ନୂତନ ପ୍ରଣାଳୀରେ ମୁଗ ଚାଷ କରିବାକୁ ସରକାରଙ୍କ ପକ୍ଷରୁ ମାଗଣାରେ ବିହନ ଯୋଗାଇ ଦିଆଯାଇଛି। ଉନ୍ନତ କିସମ ମୁଗ ବିହନ ସହ ସାର ପାଇଁ ଖର୍ଚ୍ଚ ମଧ୍ୟ ଦିଆଯାଇଛି।

■ ବିଳମ୍ବରେ ମିଳିଲା ବିହନ; ଦେଶୀ ମୁଗ ବୁଣିଦେଲେ ଚାଷୀ



ହେଲେ ଏହି ଚାଷରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ବିହନ ବୁଣାଯାଇନି। ହେଲେ କାଗଜପତ୍ରରେ ହିସାବ ଦେଖାଇ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଗରଦପୁର ବ୍ଲକରେ ୪ ଶହରୁ ଊର୍ଦ୍ଧ୍ୱ ହେକ୍ଟର ମୁଗ ଚାଷ ପାଇଁ ବିହନ ବଣ୍ଟନ କରାଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ ଏହି ବଣ୍ଟନ କରାଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଇଛି। କୃଷି ବିଭାଗ ବିହନ ବଣ୍ଟନ ହୋଇଥିବା ଅଞ୍ଚଳଗୁଡ଼ିକ ବୁଲି ଦେଖିଲେ ଏତେ ପରିମାଣରେ ମୁଗ ହୋଇନି। ସବୁଠାରୁ ଅଧିକ ଦେଶୀମୁଗ ଚାଷ ହୋଇଥିବା ଦେଖିବାକୁ ମିଳିଛି। ବିଳମ୍ବରେ ବିହନ ଦେବା ଯୋଗୁଁ ଅନେକ ଚାଷୀ କୃଷି ବିଭାଗ ବିହନ ବ୍ୟବହାର କରିପାରିନାହାନ୍ତି। ସେପଟେ କୃଷି ବିଭାଗ ବିହନ ଦେବା ସମୟରେ ଦେଶୀ ମୁଗରେ ଫୁଲ ଧରିବା ଆରମ୍ଭ କରିଥିଲା। ଯେତିକି ଚାଷୀ କୃଷି ବିଭାଗ ବିହନ ନେଇ ବୁଣିଲେ ଅମଳ ଭଲ ହେଲାନି। ସାର, କୀଟନାଶକ ବ୍ୟବହାର କଲେ। ଏନେଇ ହଳ ଆଉ ସାର ବ୍ୟବହାରରେ ହଜାର ହଜାର ଟଙ୍କା ବିଲରେ ଫୋପାଡିଲେ। ବିହନ ମାଗଣା ମିଳିବା ପରେ ସାର ଆଉ କୀଟନାଶକ ପାଇଁ ହେକ୍ଟର ୧୫୬୦ ଟଙ୍କା ମିଳିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଚାଷୀ ଫସଲ ଅମଳ କରିବା ପର୍ଯ୍ୟନ୍ତ ସାର ଆଉ କୀଟନାଶକ ମିଳିଲା ନାହିଁ। ଏହାପରେ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ଯାଇ ହୋହାଲ୍ଲା କରିବାରୁ ୧୫୬୦ ଟଙ୍କାର ଏକ ସାର ଆଉ କୀଟନାଶକ ବିଲ ଏକ ନିର୍ଦ୍ଦିଷ୍ଟ ସରକାରୀ ସାର ବିକ୍ରୟ କେନ୍ଦ୍ରରୁ ଆଣିବାକୁ କୁହାଗଲା। ବର୍ତ୍ତମାନ ଚାଷୀମାନେ ଏହି ବିଲ ଆଣିବାକୁ କସରତ କରୁଛନ୍ତି। ୧୫୬୦ ଟଙ୍କାର ବିଲ ପାଇଁ ସରକାରୀ ସାର ବିକ୍ରୟ କେନ୍ଦ୍ର ଅଗ୍ରୀମ ଚାଷୀଙ୍କଠାରୁ ୪୫୦ ରୁ ୬ ଶହ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିନେଉଛି। ଯାହାକୁ ନେଇ ସାଧାରଣରେ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି। କୃଷି ବିଭାଗ ବିଳମ୍ବରେ ବିହନ ଦେଲା, ହଳ ଆଉ ସାର ପାଇଁ ଚାଷୀ ହଜାର ହଜାର ଟଙ୍କା ଖର୍ଚ୍ଚ କଲା, ହେଲେ ଅମଳ ଭଲ ହେଲାନି। ଚାଷୀଟି ବିଲରେ ସାର ଆଉ କୀଟନାଶକ ପକାଇ ଯେଉଁ କ୍ଷତି ସହିଥିଲା ତାହା ୧୫୬୦ ଟଙ୍କା ରିଆତି ମୂଲ୍ୟରେ କିଛିଟା ଭରଣା ହୋଇପାରିଥାନ୍ତା। ହେଲେ ଜିଏସଟି ବିଲ ନାଁରେ ଚାଷୀଙ୍କଠାରୁ ୪୫୦ ଟଙ୍କାରୁ ୬ ଶହଟଙ୍କା ନେବା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠିଛି। ସେପଟେ ୧୫୬୦ ଟଙ୍କା ବିଲ ପାଇଁ କଣ ୪୫୦ ଟଙ୍କା ଜିଏସଟି ନିଅନ୍ତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ନଦେବା ଆଉ ହରିଲୁଟ କରିବାର ଏହା ହେଉଛି ଏକ ବଡ ମାଧ୍ୟମ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଯୋଜନାକୁ ବାଟ ମାରଣା କରିବାକୁ କେତେଜଣ ମିଳିମିଶି ଏହିଭଳି କାର୍ଯ୍ୟ କରୁଛନ୍ତି। ତେବେ ଏତେ ଟଙ୍କା ଜିଏସଟି ଦେଇ ବିଲ ନେବା ଅପେକ୍ଷା ନନେବା ଭଲ ବୋଲି ମତପ୍ରକାଶ ପାଇଛି। ଏହିଭଳି କ୍ଷତିଗ୍ରସ୍ତ ମୁଗ ଚାଷୀଙ୍କୁ ଜିଏସ୍‌ଟି ବାହାନାରେ ଆଦାୟ ହେଉଥିବା ଅର୍ଥରାଶିକୁ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ରାଜନଗର, ୧୦।୪(ସମିସ): ରାଜନଗର ମହିଁଷାସୁର ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ବାର୍ଷିକ ଉତ୍ସବ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ସମ୍ପାଦକ ଦୋଳଗୋବିନ୍ଦ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଶିଶୁମାନେ ଆସନ୍ତାକାଲିର ଉଜ୍ଜଳ ଭବିଷ୍ୟତ। ସେମାନଙ୍କର ବୌଦ୍ଧିକ, ମାନସିକ ବିକାଶ କ୍ଷେତ୍ରରେ ପ୍ରତ୍ୟେକ ମାତାପିତାମାନେ ଯତ୍ନବାନ ହେଲେ ଶିଶୁଟିଏ ଉତ୍ତମ ନାଗରିକ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳ ଯୋଗଦେଇ ମୋବାଇଲ କିପରି ଶିଶୁମାନଙ୍କ ମାନସିକସ୍ତରକୁ ବିଭ୍ରାନ୍ତ କରୁଛି ସଚେତନ କରିବା ସହ ପ୍ରତ୍ୟେକ ଅଭିଭାବକ ସଚେତନ ହେବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ସଙ୍କୁଳ ପ୍ରମୁଖ ଗୋଲୋକ ବିହାରୀ ଭୂୟାଁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ସୁକା' କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ସୁଲେଖ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଭାଷଣ ପରିବେଷଣ କରାଯାଇଥିଲା। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସାଂସ୍କୃତିକ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ କନିଷ୍ଠ ଶିଶୁ ବର୍ଗରେ ଶ୍ୱେତପଦ୍ମା ଜେନା, ଚନ୍ଦ୍ର ଶେଖର ବେହେରା, କ୍ରୀଡା ଶିଶୁ ବର୍ଗରେ ଜୟଶ୍ରୀ ସାହୁ, ଶୁଭମ ଦାସ, ସୁଇଟି ମଲ୍ଲିକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ଭିତରକନିକା ମ୍ୟାନଗ୍ରୁଭ ପିଟ୍ଟା ପକ୍ଷୀ ଶୀର୍ଷକ ଆଲୋଚନାଚକ୍ର



ରାଜନଗର, ୧୦।୪(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଡବ୍ଲୁଟିଆଇ ପକ୍ଷରୁ ଦିନିକିଆ ଭିତରକନିକା ମ୍ୟାନଗ୍ରୁଭ ପିଟ୍ଟା ବିରଳ ପକ୍ଷୀଙ୍କର ଜୀବନଶୈଳୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ପକ୍ଷୀ ବିଶାରଦ ପ୍ରଫେସର ପ୍ରମୋଦ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ପକ୍ଷୀ ଜଗତରେ ବିସ୍ମୟ କୌତୁକିଆ ନବରଙ୍ଗୀ ଚଢେଇ (ମ୍ୟାନଗ୍ରୁଭପିଟା)ର ଜୀବନ ଶୈଳୀ ଉପରେ ବିସ୍ତୃତ ଆଲୋଚନା ସହିତ ହେନ୍ତାଳବଣ ଅଭିବୃଦ୍ଧି କ୍ଷେତ୍ରରେ ଏହି ଟିକି ଚଢେଇ ମାନଙ୍କର ବିଶେଷ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ସେଞ୍ଚୁରିଆନ ୟୁନିଭରସିଟିର ଆସୋସିଏଟ ପ୍ରଫେସର ତଥା ପ୍ରାଣୀ ବୈଜ୍ଞାନିକ ଡଃ. ଶିବ ପ୍ରସାଦ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତିର ଅନନ୍ୟ ଉପହାର ଭିତରକନିକାରେ ବସବାସ କରୁଥିବା ବିରଳ ମ୍ୟାନଗ୍ରୁଭ ପିଟ୍ଟା ସ୍ୱରୂପ ତାର ଭିନ୍ନ ଜୀବନୀଶୈଳୀ, ଖାଦ୍ୟପେୟ, ପ୍ରଜନନ ପ୍ରକ୍ରିୟା ଉପରେ ଆଲୋଚନା କରିବା ସହିତ ଏଥିରେ ଯୋଗଦେଇଥିବା ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ମାନସ କୁମାର ଦାସ, ନିଳାଦ୍ରୀ ଭୂଷଣ କର, ଅରବିନ୍ଦ ସାମଲ ପ୍ରମୁଖ ଯୋଗଦେଇ ନବରଙ୍ଗୀ ଚଢେଇ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡଃ. ସୁମନ ଦାସ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ବେଳେ ରିସୋର୍ସ ପର୍ସନ ଶୁଭଦର୍ଶିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଠାରେ ସୂଚନାଯୋଗ୍ୟଯେ ଏହି ବିରଳ ପକ୍ଷୀଟି ଭିତରକନିକା, ସୁନ୍ଦରବନ, ମିଆଁମାର ସମେତ ସିଙ୍ଗାପୁର, ମାଲେସିୟା, ଇଣ୍ଡୋନେସିଆ, ଆଇଲ୍ୟାଣ୍ଡ ପ୍ରଭୃତି ଦେଶରେ ଦେଖାଯାଆନ୍ତି। ଛୋଟ ଛୋଟ ହେନ୍ତାଳ ଗଛ ମୂଳରେ ଏହି ଚଢେଇ ବସା ବାନ୍ଧି ଅଣ୍ଡା ଦେଇଥାଏ। ଏପ୍ରିଲରୁ ଅଗଷ୍ଟ ଭିତରେ ତାର ପ୍ରଜନନ ପ୍ରକ୍ରିୟା ଶେଷ କରିଥାଏ। ଏହି ଚଢେଇ ୨ ରୁ ୪ଟି ଅଣ୍ଡା ଦେଇଥାଏ। ୧୮ ରୁ ୨୦ ଦିନ ଭିତରେ ଅଣ୍ଡାରୁ ଛୁଆ ଫୁଟେ। ନିକଟ ଅତୀତରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଗଣନା ସମୟରେ ୧୦୦ ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଭିତରକନିକା ଜାତୀୟ ଉଦ୍ୟାନରେ ଦୃଶ୍ୟମାନ ହେଉଥିବା ଜଣାପଡ଼ିଛି। ୧୯୬୩ ମସିହାରେ ଜର୍ମାନୀର ପ୍ରସିଦ୍ଧ ପକ୍ଷୀ ବିଶାରଦ ହର୍ମାନ ସ୍ଲେଜର ପ୍ରଥମେ ଏହି ପକ୍ଷୀଙ୍କୁ ଆବିଷ୍କାର କରି ଇନ୍ଦ୍ରଧନୁର ରଙ୍ଗ ସହ ତୁଳନା କରିଥିଲେ।

# ବିଶିଷ୍ଟ ଘଟନୃତ୍ୟ ଶିଳ୍ପୀଙ୍କ ପରଲୋକ



ଜଗତସିଂହପୁର, ୧୦।୪(ସମିସ): ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା, ବିଶିଷ୍ଟ ସାରଳା ଘଟନୃତ୍ୟଶିଳ୍ପୀ, ଗୌରାଙ୍ଗ ଚରଣ ରାଉଳ (୬୯) ଙ୍କ ବୁଧବାର ପରଲୋକ ଘଟିଛି। କିଛିମାସ ହେବ ସେ ଦୂରାରୋଗ୍ୟରେ ପୀଡ଼ିତ ହୋଇ ମେଡିକାଲରୁ ଫେରି ନିଜର ଜନ୍ମସ୍ଥାନ କନକପୁରରେ ରହି ଚିକିତ୍ସିତ ହେଉଥିଲେ। ସେ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖବର ପାଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଗୌରାଙ୍ଗ ରାଉଳଙ୍କ ବାସ ଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହିତ ସମବେଦନା ଜ୍ଞାପନ କରିଥିଲେ। ସ୍ୱର୍ଗତ ରାଉଳ ନିଜ ଜୀବନ ଦଶାରେ ପ୍ରତିଦିନ ମା' ସାରଳା ଠାକୁରାଣୀଙ୍କ ପ୍ରାତଃ ମାର୍ଜନା କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଥିଲେ। ସାରଳା ଘଟନୃତ୍ୟର ନୃତ୍ୟଗୁରୁ ଭାବରେ ବହୁ କଳାକାର ମାନଙ୍କୁ ତାଲିମ ଦେଇଥିବାରୁ, ଘଟନୃତ୍ୟ ପରମ୍ପରାର ବିକାଶ ଘଟିଥିଲା। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବାବେଳେ ବଡ଼ପୁଅ ରୁଦ୍ରପ୍ରସାଦ ମୁଖାଗ୍ନି ଦେଇଥିଲେ।

# ନିମ୍ନମାନର ରାସ୍ତା କାମ ଅଭିଯୋଗ

ଡେରାବିଶ, ୧୦।୪(ସମିସ): ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଯଶୋର ଗ୍ରାମରେ ଆରଡ଼ି ବିଭାଗ ପକ୍ଷରୁ ନିର୍ମାଣଧିନ ୧ କିଲୋମିଟର ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀମାନେ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଯାହାକି ରାସ୍ତା ନିର୍ମାଣ ହେବାର ଦୁଇଦିନ ପରେ ଉଠିଯାଉଥିବା ଓ ରାସ୍ତା ଫାଟି ଆଁ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ



ଅଭିଯୋଗ କରିଛନ୍ତି। ଏହି ପକ୍କା ରାସ୍ତା ନିର୍ମାଣ ବେଳେ ଠିକାଦାର ଜଣକ ନିମ୍ନମାନର ବାଲି ଓ ମାଟି ମିଶା ଗୋଡ଼ି ମେଣ୍ଟାଲ ବ୍ୟବହାର ଉଚ୍ଚକର୍ତ୍ତୃପକ୍ଷ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୭୯ ଲିଟର ବିଦେଶୀ ମଦ ଜବତ; ଜଣେ ଗିରଫ

କେନ୍ଦ୍ରାପଡ଼ା, ୧୦।୪(ସମିସ): ଏକ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ଟାଉନ ଥାନା ପୁଲିସ ଚଢଉ କରି ୭୯ଲିଟର ୨୦୦ମିଲିଲିଟର ବିଦେଶୀ ମଦ ଜବତ କରିଛି। ଇନ୍ସପେକ୍ଟର ଦିଲ୍ଲିପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ରତିରଞ୍ଜନ ନାୟକ ପୁଲିସ ଫୋର୍ସ ସହିତ ଚଢଉ କରି ଟାଉନ ଥାନା ଅନ୍ତର୍ଗତ ଏକଣାଖଣ୍ଡି ଛକ ନିକଟରେ ବୁଧବାର ସକାଳ ୧୦ଟାରେ ଏକ ସ୍କୁଟି(ଓଡି୨୯ଜି-୨୮୯୧)ଯୋଗେ ଯାଉଥିବା ବେଳେ ତାଙ୍କ ନିକଟରୁ ୮ପେଟି ବିଦେଶୀ ମଦ (୭୯ଲିଟର ୨ଶହ ମିଲି ଲିଟର ବିଦେଶୀ ମଦ) ସହ ସ୍କୁଟିକୁ ଜବତ କରିଥିଲେ। ଏଥିସହିତ ସ୍କୁଟି ଚାଳକ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଆରିପଦା ଗ୍ରାମର ଶାନ୍ତନୁ କୁମାର ମଲିକଙ୍କ ପୁଅ ପ୍ରଭାତ କୁମାର ମଲ୍ଲିକ(୨୫)କୁ ଗିରଫ କରି ଥାନାକୁ ଆଣିଥିଲେ। ବଳଗଣ୍ଡିର ଏକ ମଦ ଦୋକାନରୁ ଏହି ମଦ ନେଇ ସେ ପଟ୍ଟାମୁଣ୍ଡାଇ ସଂସାରଫଳ କଣ୍ଟାବଣକୁ ଯାଉଥିବା ପ୍ରଭାତ ପୁଲିସକୁ କହିଛି। ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଭାତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ସୁଧାସ୍ମିତା ପୃଷ୍ଟି ସୂଚନା ଦେଇଛନ୍ତି।

# ବ୍ଲକିଂବେଳେ ମହିଳା ପୁଲିସଙ୍କୁ ଆକ୍ରମଣ; ୩ ଅଟକ

ଗରଦପୁର, ୧୦।୪(ସମିସ): ବ୍ଲକିଂ ବେଳେ ମହିଳା ପୁଲିସକୁ ଆକ୍ରମଣ ନେଇ ଅଭିଯୋଗ ହୋଇଛି। କେତେକ ଦୁର୍ବୃତ୍ତ ବାରମ୍ବାର କାହିଁକି ଚେକିଂ କରୁଛ ବୋଲି ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ପୁଲିସ କର୍ମଚାରୀମାନେ ଲୁଚି ପଡ଼ି ଅନ୍ୟ ଷ୍ଟାଫ୍‌ଙ୍କୁ ଡକାଇଥିଲେ। ଗତ ମଙ୍ଗଳବାର ରାତି ୯ଟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିସ ସହିତ ଏହିଭଳି ଘଟଣା ଘଟିଛି। ପାଟକୁରା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଉଠାଇ ନେଇ ପଚରାଉଚରା ଚଳାଇଛି। ଏହି ଘଟଣାରେ ସମୁଦାୟ ୧୧ ଜଣଙ୍କ ବିରୋଧରେ ମାମଲା ହୋଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ପାଟକୁରା ଥାନା ଅଧିନ ଗୋବରା ଛକରେ ପୁଲିସର ଏକ ଟିମ ଚେକିଂ କରୁଥିଲେ। ହଠାତ୍ ଜଣେ ନିଶାଡିକୁ ପୁଲିସ ଅଟକାଇଥିଲା। ମାତ୍ର ସମ୍ପୃକ୍ତ ନିଶାସକ୍ତ ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ରୋବାବ ଦେଖାଇଥିଲେ। କେଉଁ ସଂସ୍ଥାରେ କାମ କରୁଛ ବୋଲି ପଚାରିବାରୁ ସେ କିଛି କହିନଥିଲେ। ତେବେ ସେ ନିଜକୁ ମିଛରେ ସାମ୍ବାଦିକ ପରିଚୟ ଦେଉଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ତାଙ୍କୁ ବାଇକରୁ ପୁଲିସ ଟାଣି ନେବାବେଳେ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା କେତେଜଣ ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଯୁକ୍ତିତର୍କ ବଢ଼ିବାରୁ ପୁଲିସ ବିରୋଧରେ ମଦୁଆଙ୍କୁ ଲଗାଇ ଯୁକ୍ତି ତର୍କ କରିଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ମଦୁଆମାନେ କାହିଁକି ଏଠାରେ ପୁଲିସ ବାରମ୍ବାର ଚେକିଙ୍ଗ କରୁଛ କହି ମାରଣାସ୍ତ୍ର ଧରି ବୁଲାଇଥିଲେ। ପୁଲିସ ଟିମ ସହିତ ମଦୁଆମାନେ ଆକ୍ରମଣ କରିବା ସହ ଭ୍ୟାନ୍ ଭାଙ୍ଗିବା ଓ ଜଳେଇବାକୁ ଉଦ୍ୟମ କରିଥିଲେ। ଜଣେ ମହିଳା ପୁଲିସକୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ପଛେଇନଥିଲେ। ତେବେ ପୁଲିସ ଟିମ ଭୟଭୀତ ହୋଇ ଥାନାରୁ ଅନ୍ୟ କର୍ମଚାରୀଙ୍କୁ ଡକାଇଥିଲେ। ଅନ୍ୟ କର୍ମଚାରୀମାନେ ଆସିଯିବାରୁ ସେଠାରୁ କିଏ କୁଆଡେ ପଳାଇଯାଇଥିଲେ। ତେବେ ଦୁଇ ନିଶାଡିଙ୍କୁ ପୁଲିସ ଉଠାଇ ନେବା ସହିତ ନିଜକୁ ସାମ୍ବାଦିକ ପରିଚୟ ଦେଉଥିବା ଯୁବକଙ୍କୁ ମଧ୍ୟ ଉଠାଇ ନେଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୧୧ ଜଣଙ୍କୁ ପୁଲିସ ଚିହ୍ନଟ କରିଥିବା ସୁଚନା ମିଳିଛି।

# ମା'ମାଳୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ରାଜନଗର, ୧୦।୪(ସମିସ): ରାଜନଗର ବ୍ଲକ କୁରୁଣ୍ଟିସ୍ଥିତ ମା'କାଳୀ ସାଂସ୍କୃତିକ ପରିଷଦର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କମଳାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଏବଂ କାର୍ଯ୍ୟକାରୀ ସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା, ମୁଖ୍ୟବକ୍ତା ସାମ୍ବାଦିକ ବସନ୍ତ କୁମାର ହାତି ପ୍ରମୁଖ ଯୋଗଦେଇ ଭଗବତ୍ ଚିନ୍ତାଧାରାରେ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଞ୍ଚନେଶ୍ୱର ବାଳିକା ବିଦ୍ୟାଳୟର ଛାତ୍ରୀ ରଞ୍ଜିତା ବିଶ୍ୱାଳ, ସେଣ୍ଟ ଜାଭିୟର ପବ୍ଲିକ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳଙ୍କୁ ମୁଖ୍ୟ ଅତିଥି ଆଇଆଇସି ଶ୍ରୀ ଜେନା ମା'କାଳୀ ସମ୍ମାନରେ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ଅଶୋକ କୁମାର ବିଶ୍ୱାଳ, ନରେଶ କୁମାର କୁଅଁର, ପ୍ରତାପ ବିଶ୍ୱାଳ, ପ୍ରଶାନ୍ତ ନାୟକ, ମହିମା ମଙ୍ଗରାଜ, ଅକ୍ଷୟ କୁମାର ଜେନା, ଶିବ କୁମାର ନରେନ୍ଦ୍ର ପରିଚାଳନା କରିଥିବା ବେଳେ ପ୍ରଭାତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଭାଇଚାରାର ନିଆରା ଉଦାହରଣ

# ଯୁବ ସଂଖ୍ୟାଲଘୁ ସେଲ୍ ତରଫରୁ 'ଦାୱତେ-ଏ-ଇଫତାର୍'



କେନ୍ଦ୍ରାପଡ଼ା, ୧୦।୪(ସମିସ): ପବିତ୍ର ରମଜାନ୍ ମାସ ଉପଲକ୍ଷେ ଯୁବ ସଂଖ୍ୟାଲଘୁ ସେଲ୍‌ଫ ତରଫରୁ ହୋଟେଲ ମୟୂରୀ ପ୍ୟାଲେସଠାରେ ସେଲ୍ ଜିଲ୍ଲା ସଭାପତି ମହମ୍ମଦ ଆମିରଙ୍କ ନେତୃତ୍ୱରେ 'ଦାୱତେ-ଏ-ଇଫତାର୍' କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କାଉନସିଲର ସେକ ଅସଲାମଙ୍କ ସଭାପତିତ୍ୱରେ ଓ କଲିମ ଖାନଙ୍କ ସଂଯୋଜନାରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ସମ୍ପାଦକ ରବି ସାମଲ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ପ୍ରଦୀପ୍ତ ନାୟକ, ରମେଶ ଚନ୍ଦ୍ର ନାୟକ, ମହମ୍ମଦ ନିୟାଜ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ, ମୁକ୍ତର ଖାଁ, କ୍ରୀଡା ସମ୍ପାଦକ ସୟଦ ଅକମଲ ଅଲ୍ଲି, ଜାବିର ବିନ କବିର ଏଜୁକେସନାଲ ଟ୍ରଷ୍ଟର ସମ୍ପାଦକ ସେକ୍ ଲିୟାକତ ଅଲ୍ଲି, ଆଇନଜୀବୀ ସଞ୍ଜୟ ଜେନା, ଆଇନଜୀବୀ ଅକିଲ ଅହମ୍ମଦ, ସେକ ସେରାନ, ଇଦ୍ ମିଲାଉନ ନବୀ, କମିଟି ସମ୍ପାଦକ ସେକ ତାଜମୁଲ ହୋସେନ, ସଭାପତି ସୟଦ ନୁରରୁଦ୍ଦିନ, ସଂଖ୍ୟାଲଘୁ ସେକ ସମ୍ପାଦକ ସେକ ଗୋଫରାନ ଗୋପୀ, ଓଡ଼ିଶା ନୱାଜ ଯବାନ ୟୁନିଅନ ଜିଲ୍ଲା ସଭାପତି ଅବରାର ହସର ଖାନାନ, ସାମ୍ବାଦିକ ସାବିର ଖାନ, ନଇମ ଖାନ, ଯାହେଦଖାକୁନାନ, ସେକ ମହବୁବ, ଅତିକୁର ରହମାନ ରାଜା ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଯୁବକଙ୍କ ଚଢ଼େଇ ପ୍ରେମ

କେନ୍ଦ୍ରାପଡ଼ା, ୧୦।୪(ସମିସ): ରାଜ୍ୟରେ ଜାରି ରହିଛି ପ୍ରବଳ ଗ୍ରୀଷ୍ମପ୍ରବାହ। ତତଲା ପରିବେଶରେ ସନ୍ତୁଳି ହେଉଛି ଜୀବଜଗତ। ସେଥିପାଇଁ ସ୍କୁଲ କଲେଜ ଓ କର୍ମ କ୍ଷେତ୍ରରେ ସଚେତନତା ଜାରି ହୋଇଛି। ଅଂଶୁଘାତରୁ ସୁରକ୍ଷା ପାଇଁ ମଣିଷ ସତର୍କତା ଅବଲମ୍ବନ କରୁଥିବା ବେଳେ ତୃଷାର୍ତ୍ତ ପକ୍ଷୀମାନଙ୍କ ପାଇଁ ଜଣେ ଭିନ୍ନକ୍ଷମ ଯୁବକ ଆଗକୁ ଆସିଛନ୍ତି। ପକ୍ଷୀମାନଙ୍କ ତୃଷ୍ଣା ନିବାରଣ ପାଇଁ ମାଟି କଳସରେ ପାଣି ଭରି ଗଛ ଡାଳରେ ଝୁଲାଉଛନ୍ତି। ଯାହାଦ୍ୱାରା ପାଣି ସନ୍ଧାନରେ ଉଡ଼ି ବୁଲୁଥିବା ପକ୍ଷୀମାନେ ଜଳ ଟୋପେ ପାଇ ଶୋଷ ମେଣ୍ଟାଇ ପାରିବେ।



ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ବାଙ୍କିଛନ୍ଦା ଗ୍ରାମର ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳଙ୍କ ଏପରି ନିଆରା ପ୍ରେମକଥା ଏବେ ଚାରିଆଡେ ଚର୍ଚ୍ଚା। ଚନ୍ଦନ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ବର୍ତ୍ତମାନ ସମୟରେ ପକ୍ଷୀମାନଙ୍କ ଜଳ କଷ୍ଟ କଥା ବେଶ୍ ବୁଝିଛନ୍ତି। ସେଥିପାଇଁ ସେ ମାଟି କଳସରେ ପାଣି ଭରି ଗଛ ଡାଳରେ ଝୁଲାଉଛନ୍ତି। ଚନ୍ଦନ କୁହନ୍ତି ଏ ଭୀଷଣ ଗରମରେ ଘରେ ରହିବା କଷ୍ଟକର ହୋଇ ପଡୁଛି। ଗାଡିଆ ପୋଖରୀ ଶୁଖି ଯାଉଥିବାରୁ ପାଣି ଟୋପେ ପାଇଁ ମଣିଷ ଯଦି କଲବଲ ହେଉଛି ତେବେ ଏ ନିରୀହ ପକ୍ଷୀମାନଙ୍କ ଅବସ୍ଥା କ'ଣ ଯେ ହେଉନଥିବ। ସେଥିପାଇଁ ସେ ପକ୍ଷୀମାନଙ୍କ ଲାଗି ଏମିତି ପ୍ରୟାସ କରୁଛନ୍ତି। ଅନ୍ୟମାନେ ଏପରି କରିବାକୁ ଚନ୍ଦନ ଅନୁରୋଧ କରିଛନ୍ତି।

# ବିଜେଡି କର୍ମକର୍ତ୍ତାଙ୍କ ବୈଠକ



**କାମାକ୍ଷାନଗର, ୧୦।୪ (ସମିସ) :** ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ନିଜର ସଂଗଠନ ବୃଦ୍ଧି କରୁଛି। ଆଜି କଙ୍କଡାହାଡ଼ ବ୍ଲକ ୧ ନମ୍ବର ଜୋନର ଘାଗରାମୁଣ୍ଡା ଠାରେ ବିଜେଡି ତରଫରୁ ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଜେଡି ବିଧାୟକ ପ୍ରାର୍ଥୀ ଡ଼ ନୃସିଂହ ଚରଣ ସାହୁ ଯୋଗଦେଇ ଆଗାମୀ ନିର୍ବାଚନରେ ୧ ନମ୍ବର ଜୋନରେ କିପରି ବିଜେଡି ଅଧିକ ଭୋଟ ପାଇପାରିବ, ସେନେଇ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ନିର୍ବାଚନମଣ୍ଡଳୀ ସଭାପତି ଶୁଭ୍ରାଂଶୁ ମିଶ୍ର, କଙ୍କଡାହାଡ଼ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ରାଜକିଶୋର ସାହୁ, କଙ୍କଡାହାଡ଼ ବ୍ଲକ ଯୁବ ବିଜେଡି ସଭାପତି ତାପସ ପାଣି ପ୍ରମୁଖ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ବିଜେଡି ଭଲ ଭୋଟ ବ୍ୟବଧାନରେ ବିଜୟୀ ହେବା ନେଇ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

# ମା’ ବାଟବାୟାଣୀଙ୍କୁ ଦର୍ଶନକଲେ ପ୍ରଣବ ପ୍ରକାଶ

**ଛେଣ୍ଡିପଦା,୧୦।୪(ସମିସ)**







ଅନୁଗୋଳ ଜିଲ୍ଲା ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ପାତ୍ରପଡ଼ାରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ପହଞ୍ଚିବା ପରେ ଅଧିଷ୍ଠାତ୍ରୀ ଦେବୀ ମା’ ବାଟବାୟାଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଲୋକସଭା ଆସନରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁ ଘୋଷଣା କରିବା ପରେ ଆଜି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀକୁ ସେ ପ୍ରଥମ ଗସ୍ତ କରିଥିଲେ। ଏ ନେଇ ଛେଣ୍ଡିପଦା ବିଜୁ ଜନତା ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଣବଙ୍କ ଏହି ଗସ୍ତ ବେଳେ ବିଜୁ ଜନତା ଦଳ ପକ୍ଷରୁ ନାରାୟଣ ସାହୁଙ୍କ ସମେତ ବହୁ କର୍ମୀ ଜରପଡ଼ା ଠାରେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଣବଙ୍କ ଏହି ଗସ୍ତ ବେଳେ ଛେଣ୍ଡିପଦା ବିଧାୟକ ପାର୍ଥୀ ସୁଶାନ୍ତ କୁମାର ବେହେରା ଉପସ୍ଥିତ ରହିଥିଲେ। ଏହା ପରେ କର୍ମୀଙ୍କ ଗହଣରେ ପାତ୍ରପଡ଼ା ଗସ୍ତ କରିଥିଲେ। ଏହି ଗସ୍ତ ବେଳେ ଉଭୟ ପାର୍ଥୀଙ୍କୁ କର୍ମୀମାନେ ବାଲିପଟ୍ଟା ଓ ଛେଣ୍ଡିପଦା ସଦର ମହାକୁମାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ପାତ୍ରପଦାରେ ପହଞ୍ଚି ପ୍ରଥମେ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ମା’ ବାୟାଣୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଗସ୍ତ ବେଳେ ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜିଲ୍ଲା ପରିଷଦ ଭାନୁପ୍ରିୟା ପ୍ରଧାନ, ପ୍ରଦୀପ କୁମାର ସାହୁ, ତ୍ରିନାଥ ବେହେରା, ରାକେଶ ପ୍ରଧାନ, ସରପଞ୍ଚ ଅମରେଶ ନାଥ, ଜନ୍ମେଜୟ ମାଝୀ, ବିଜୟ କୁମାର ଗଡ଼ନାୟକ,ମାନସ ରଞ୍ଜନ ସାହୁ, ଜେନାମଣୀ ପ୍ରଧାନ, ଅନୁସୟା ସାହୁ, ଲକ୍ଷ୍ମୀପ୍ରିୟା ଧଳ, ଲିଲି ସାହୁ, କଳ୍ପନା ପ୍ରଧାନ, ପ୍ରଣୟ ସାହୁ, ଡିମ୍ପି ସାହୁ, କୁନ୍ତଳା ସାହୁ, ବାବୁଲି ପ୍ରଧାନଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଓ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ।

## ପାତ୍ରପଡ଼ାରେ ମା’ ବାୟାଣୀଙ୍କ ଯାତ୍ରା ସମ୍ପନ୍ନ

# ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ

**ଛେଣ୍ଡିପଦା,୧୦।୪(ସମିସ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ପାତ୍ରପଡ଼ା ଗ୍ରାମର ମା’ ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ବହୁ ଜନସମାଗମରେ ଶୃଙ୍ଖଳାର ସହ ବୁଧବାର ସମ୍ପନ୍ନ ହୋଇଥିବା ବେଳେ ଯାତ୍ରାରେ ପ୍ରାୟ ୫୦ ହଜାର ଭକ୍ତଙ୍କ ସାମଗମ ହୋଇଥିବା ଦେଖାଯାଇଥିଲା। ପାତ୍ରପଡ଼ା ଗ୍ରାମ୍ୟ କମିଟି ସଭାପତି ଚକ୍ରଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଚୈତ୍ର ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପ୍ରତ୍ୟୁଷରୁ ଗ୍ରାମବାସୀ ଓ ଦେହୁରୀଙ୍କ ସହଯୋଗରେ ଯଥା ରୀତିନୀତି ପରମ୍ପରା ଅନୁଯାୟୀ ପ୍ରଥମେ ମା’ ହିଙ୍ଗୁଳା ମନ୍ଦିର,ବନଦୁର୍ଗା ମନ୍ଦିର,ପଥର ପୁଞ୍ଜି, କାଳୀମନ୍ଦିର, ଜଗନ୍ନାଥ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରା ସ୍ଥଳରେ ଭକ୍ତମାନଙ୍କ ପାଇଁ ମାଗଣାରେ ପାତ୍ରପଡ଼ା ଗ୍ରାମର ତାଳମଣ୍ଡଳୀ ସାହିର ସତ୍ୟଭାମାପୁର ମା’ବାୟାଣୀ ଅବଢ଼ା ସମିତିର ସଭ୍ୟମାନଙ୍କ ଦ୍ୱାରା ଅନ୍ନ ପ୍ରସାଦ ,ରବିନ୍ଦ୍ର କୁମାର ଆଚାର୍ଯ୍ୟ, ଲୋଚନ ସାହୁ, ମୋହନ ଚନ୍ଦ୍ର ସାହୁ, ଟୁଲୁ ସାହୁଙ୍କ ସହଯୋଗରେ ଦୀର୍ଘ ୨୦ବର୍ଷ ହେଲା ମୃଦୁପାନୀୟ ଜଳ ଯୋଗାଣ ଓ ସେହିପରି ପାତ୍ରପଡ଼ା ଗ୍ରାମରେ ଥିବା ବିଭିନ୍ନ କ୍ଲବ ପକ୍ଷରୁ ମୃଦୁ ପାନୀୟ, ପାର୍କିଂ ସୁବିଧା , ଶାନ୍ତିଶୃଙ୍ଖଳା ଯୋଗାଇ ଦିଆଯାଇଥିଲା। ଠାକୁରାଣୀଙ୍କ ସ୍ଥଳରେ ୪୫୬ ଜଣ ମାନସିକଧାରୀ ଛୋଟ ପିଲାଙ୍କ ମୁଣ୍ଡନ କରାଯାଇଥିବା ବେଳେ ବିଭିନ୍ନ ମାନସିକ ନେଇ ୧୬ଜଣ ଅଧିଆ ପଡିଥିଲେ। ଯାତ୍ରାରେ ଗ୍ରାମର ,ସମ୍ପାଦକ ବିଭୁତି ଭୂଷଣ ସାହୁ, ସରପଞ୍ଚ ରଶ୍ମିତା ପ୍ରଧାନ, ସମିତିସଭ୍ୟ ଦିପକ କୁମାର ସାହୁ, ହେଡ ବେହେରା, ଶ୍ରୀନିବାସ ସାହୁ ଓ କୋଷାଧ୍ୟକ୍ଷ ଯଦୁମଣି ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଲୋକନାଥ ସାହୁ , ବାସୁଦେବ ସାହୁ, ଯଶୋବନ୍ତ ସାହୁ, କଳାକାର ସାହୁ, ପାଦକ ସାହୁ, ଘାସିରାମ ସାହୁ, ବୀରବର ସାହୁ, ବେଣୁଧର ସାହୁ, ନକୁଳ ସାହୁ, ଗୋଲେଖ ସାହୁ, ରବିନ୍ଦ୍ର କୁମାର ସାହୁ, ବାନାମ୍ବର ସାହୁ ପ୍ରମୁଖଙ୍କ ସମେତ ଗ୍ରାମର ସମସ୍ତ ସଭ୍ୟ,ସାହି ବେହେରା ଓ ପୁଜା କମିଟିର ଅନ୍ୟାନ୍ୟ ସଦସ୍ୟମାନଙ୍କ ସହଯୋଗରେ ଏହି କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଓ କଟକରୁ ଆସିଥିବା କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଶିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବା ଉପରେ କାର୍ଯ୍ୟ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୀଠ ସ୍ଥଳକୁ ଏକ ବାଇପାସ ରାସ୍ତା ନିର୍ମାଣ ହୋଇଥିବାରୁ ଟ୍ରାଫିକ ସମସ୍ୟା ବହୁ ମାତ୍ରାରେ ଲାଘବ ହୋଇଥିଲା। ବାଗଡ଼ିଆ ଥାନା ଓ ଛେଣ୍ଡିପଦା ଥାନା ପକ୍ଷରୁ ପ୍ରାୟ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ନିମନ୍ତେ ଫୋର୍ସ ମୁତୟନ କରାଯାଇଥିଲା।

# ସିଦ୍ଧେଶ୍ୱର ଶିବମନ୍ଦିରରେ ରତ୍ନମୁଦ ଉତ୍ସବ

**କଣିହାଁ, ୧୦।୪ (ସମିସ):** କଣିହା ବ୍ଲକ ଦୁର୍ଗାପୁର ଗ୍ରାମରେ ବାବା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। ରତ୍ନମୁଦ ଉତ୍ସବକୁ ନେଇ ଦୁଇଦିନ ଧରି ଗ୍ରାମ ଚଳଚଞ୍ଚଳ ହୋଇଥିବା ବେଳେ ବହୁ ମାନ୍ୟଗଣ୍ୟ ଗଣ ଯୋଗଦାନ କରି ପଡ଼ିଶା ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଓ ନାମ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦାନକୁ ନେଇ ମନ୍ଦିର ସ୍ଥଳ ଉତ୍ସବ ମୁଖରିତ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ପୂର୍ବାହ୍ନରୁ ରତ୍ନମୁଦ କାର୍ଯ୍ୟକ୍ରମକୁ ନେଇ ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଗୋବର୍ଦ୍ଧନ ମିଶ୍ର, ବସନ୍ତ ମିଶ୍ର, ଉପେନ୍ଦ୍ର ହୋତା ବିଧି କାର୍ଯ୍ୟ ସଂପୂର୍ଣ୍ଣ କରିଥିବା ବେଳେ କର୍ତ୍ତା ଭାବେ ଗ୍ରାମର ସସ୍ତ୍ରୀକ ଭକ୍ତବନ୍ଧୁ ବିଶ୍ୱାଳ, ଟୁନିଲତା ବିଶ୍ୱାଳ ଯଜ୍ଞକର୍ମରେ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, କୈଳାସ ଚନ୍ଦ୍ର ସାହୁ, ବିନୋଦ କୁମାର ସାହୁ, ଗଙ୍ଗାଧର ଜିତି ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।



# କଡ଼ା ସୁରକ୍ଷାରେ ତାଳଚେରରେ ପହଞ୍ଚିଲା ଇଭିଏମ୍

**ତାଳଚେର ସଦର, ୧୦।୪(ସମିସ):** ନିର୍ବାଚନ ନିକଟତର ହୋଇ ଆସୁଥିବା ବେଳେ ଗତକାଲି ଅନୁଗୋଳ ଓ୍ୟାର ହାଉସକୁ ଅଣାଯାଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାତ୍ରି ୮ଟା ୩୦ରେ ସୁରକ୍ଷିତ ଭାବେ ତାଳଚେର ମହାବିଦ୍ୟାଳୟ ରଖାଯାଇଛି। ଏହାକୁ ଘେରି ରଖିଛନ୍ତି ସଶସ୍ତ୍ର ପୁଲିସ୍ ବାହିନୀ। ସର୍ବମୋଟ ତାଳଚେର ଅଞ୍ଚଳରେ ୨୦୨ଟି ବୁଥ ରହିଥିବା ବେଳେ ଏଥିନେଇ ସର୍ବମୋଟ ୨୫୫ଟି ଇଭିଏମ୍ ଆସିଛି। ତାଳଚେର ନିର୍ବାଚନ ମଣ୍ଡଳୀ ବିଧାନସଭା କ୍ଷେତ୍ର ପାଇଁ ୨୦୨୪ ନିର୍ବାଚନରେ ପ୍ରାୟ ଏକଲକ୍ଷ ୬୩ ହଜାର ୮୯୧ ଭୋଟର ଭୋଟଦାନ କରିବାର ବ୍ୟବସ୍ଥା କରାଯାଇଛି। ଏଥି ମଧ୍ୟରୁ ପୁରୁଷ ସଂଖ୍ୟା ୮୪ହଜାର ୯୩୩, ମହିଳା ୭୮ହଜାର ୯୨୬, ଯୁବକ ୩୯୭୨, ଭିନ୍ନକ୍ଷମ ୧୬୮୧ ଜଣ ଓ ତୃତୀୟ ଲିଙ୍ଗ ୩୨ଜଣ ରହିଥିବା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜଣାପଡ଼ିଛି। ଗତକାଲି ଇଭିଏମ ଆସିବା ନେଇ ହାଣ୍ଡିଧୂଆଁ ଷ୍ଟେସନ ଗାନ୍ଧିଛକ ଠାରୁ ଶନିବାର ହାଟ ପର୍ଯ୍ୟନ୍ତ ରାସ୍ତାରେ ରହିଥିବା ସମସ୍ତ ହମ୍ପସ୍ ଗୁଡ଼ିକ ଇଭିଏମ ସୁରକ୍ଷାକୁ ନେଇ କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ମେସିନ୍ ଯାଞ୍ଚ ପରେ ତାଳଚେର ଏସଡିପିଓ ମାନସ ରଞ୍ଜନ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଥିବା କୁହାଯାଉଛି।

# ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା, ୧୦।୪(ସମିସ):** ହଣ୍ଡପା ପୁଲିସ ଡେବେରାପାଲି ଗ୍ରାମରେ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଅଭିଯୋଗରେ ଜରପଡ଼ା ଥାନା ତୁକୁଡ଼ା ଗ୍ରାମର ଚକ୍ରଧର ମହରଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକକୁ ଜବତ କରିଛି। ସେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୁଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା।

# ୭.୩ କେଜି ଗଞ୍ଜେଇ ଜବତ; ୪ ଗିରଫ

**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ସଦରଥାନା ତରଫରୁ ଚଢ଼ଉ କରାଯାଇ କନ୍ଧମାଳରୁ କାମାକ୍ଷାନଗରକୁ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିବା ସହିତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ସଦର ପୁଲିସ କୌଣସି ସୂତ୍ରରୁ ଖବରପାଇ ରାସ୍ତାରେ ପାଟ୍ରୋଲିଂ ଚଳାଇଥିଲା। ଏହି ସମୟରେ ଏକ ଡିଜାୟାର କାରରେ ଗଞ୍ଜେଇ ସହିତ ୪ ଜଣ ବ୍ୟକ୍ତି ବସିଥିବା ବେଳେ ସେମାନଙ୍କୁ ସନ୍ଦେହରେ ଅଟକ ରଖି ଚେକିଂ କରିବାରୁ କାର ଭିତରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ସମସ୍ତଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିବା ପରେ ସେମାନେ କନ୍ଧମାଳରୁ ଗଞ୍ଜେଇ ଧରି କାମାକ୍ଷାନଗର ଯାଉଥିବା ପ୍ରକାଶ କରିଥିଲେ। ପୁଲିସ ଥାନାରେ ୩୦୩/୨୪ରେ ଏକ ମାମଲା ରୁଜୁ କରି ଗିରଫ କରିବା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ଦଶପଲା ଗ୍ରାମର ପ୍ରଭାତ ରାଉତଙ୍କ ପୁଅ ବବୁଲ ରାଉଳ(୨୮), ଆଦିକନ୍ଦ ପରିଡ଼ାଙ୍କ ପୁଅ ଅମ୍ଲାନ କୁମାର ପରିଡ଼ା(୩୦), କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଦିନବାଲୀ ଗ୍ରାମର ସ୍ୱର୍ଗତ ଶନି କୁଅଁରଙ୍କ ପୁଅ ଜିଲକା କଅଁର(୫୮), ଭୁବନ ଥାନା ଜୟପୁର ଗ୍ରାମର ସରମା ମାଝିଙ୍କ ପୁଅ ଅଶୋକ ମାଝି(୩୫) ଥିବା ଜଣାପଡ଼ିଛି।

# ଗୋରୁବୋଝେଇ ଟ୍ରକ୍ ଜବତ; ୨ ଗିରଫ

**ମାର୍ଥାପୁର, ୧୦।୪ (ସମିସ) :** ଭୁବନ ଥାନାର ସୁରପ୍ରତାପପୁର ଫାଣ୍ଡି ଅଞ୍ଚଳରେ ଗୋରୁ ବୋଝେଇ ଗାଡ଼ି ଜବତ କରିବାରେ ପୁଲିସ୍ ସଫଳ ହୋଇଛି। ଗତକାଲି ସଂଧ୍ୟାରେ ଫାଣ୍ଡି ଅଧିକାରୀ ଯମୁନାକୋଟ ସୁରପ୍ରତାପପୁର ରାସ୍ତାରୁ ଓଡି୦୬ଏ୯ ୭୪୯ ଏକ ବେଆଇନ ଗୋରୁ ବୋଝେଇ ଟାଟା ଏସି ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଦୁଇଜଣ ହେଲେ ସୁରପ୍ରତାପପୁର ଫାଣ୍ଡି ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଡାକ୍ତର ହାତୀ ଏବଂ ଗାଡ଼ିର ଡ୍ରାଇଭର ଆର୍ତ୍ତବନ୍ଧୁ ସାହୁ। ଆଜି ଗୋରୁ ଚାଲାଣକାରୀ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାହୋଇଛି ବୋଲି ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌଭାଗ୍ୟ କୁମାର ପାଣି ସୂଚନା ଦେଇଛନ୍ତି।



# ବାଇକ୍ ଦୁର୍ଘଟଣାରେ ୧ ଗୁରୁତର



**କାମାକ୍ଷାନଗର, ୧୦।୪ (ସମିସ) :** କାମାକ୍ଷନଗର ଥାନା ବାଇସିଙ୍ଗା ଗାଁ ନିକଟରେ ବୁଧବାର ବାଇକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। କାମାକ୍ଷାନଗର ଥାନା ମୁକ୍ତାପଶି ଗାଁର ସିପୁନ ବେହେରା (୩୨) ବୁଧବାର ବାଇକରେ ମାଉସୀ ଘରକୁ ଯାଉଥିବା ବେଳେ ବାଇସିଙ୍ଗା ଗାଁ ନିକଟରେ ବାଇକରୁ ଭାରସାମ୍ୟ ହରାଇ ଖସି ପଡ଼ିଲେ। ଏହି ଦୁର୍ଘଟଣାରେ ସିପୁନ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

# ୨୦ ଦିନ ପରେ ମାଟିତଳୁ ପୁଅର ମୃତଦେହ ଉଦ୍ଧାର

## ପତି-ପତ୍ନୀଙ୍କ ମଧ୍ୟରେ ମତଭେଦ; ପୁଲିସ ତଦନ୍ତ ଜାରି

**କଣିହାଁ, ୧୦।୦୪ (ସମିସ):** କଣିହା ଥାନା ପୁଲିସ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା ଅଭିଯୋଗକୁ ନେଇ ତିନିଦିନ ହେଲା ହରକତ ହେବା ସହିତ ଛାନଭିନ ଜାରି ରଖିଛି। ଏପରି ଏକ ସ୍ୱର୍ଶକାତର ଘଟଣା ଥାନା ଅଞ୍ଚଳର ବଡ଼ଗୁଣ୍ଡୁରୀ ପଞ୍ଚାୟତ ଦେଭୂଇଁ ଗ୍ରାମରେ ଘଟିଥିବା ବେଳେ ୨୦ ଦିନ ପରେ ମାଟିତଳେ ପୋତାଯାଇଥିବା ମୃତଦେହ ଉଦ୍ଧାର ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପତି ଓ ପତ୍ନୀଙ୍କ ମଧ୍ୟରେ ଘଟଣାକୁ ନେଇ ତାଳମେଳ ନଥିବା ବେଳେ ମତବାଦ ଯୋଗୁଁ ପୋତା ହୋଇଥିବା ପୁଅର ଗଳିତ ମୃତଦେହ ଉଦ୍ଧାର କରାଯାଇ ବୁଧବାର ବ୍ୟବଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। କଣିହା ଥାନା ସୂତ୍ରରୁ ଜଣାଯାଏ ଯେ, ଗତ ମାର୍ଚ୍ଚ ୨୧ରେ ଦେଭୂଇଁ ଗ୍ରାମର ଦୋଳମେଳଣ ଯାତ୍ରା ଚାଲିଥିଲା। ଭୀମ ନାଏକ (୪୫) ସାଥୀଙ୍କ ସହିତ ବାଇକ୍ ପଛରେ ବସି ଗାଁକୁ ଆସୁଥିବା ବେଳେ ଅନ୍ୟ ଏକ ବାଇକରେ ପୁଅ ବାପୁଜୀ ନାଏକ (୨୦) ପତ୍ରଫୋଡ଼ି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଘଟଣାସ୍ଥଳରୁ ବାପା ନିଜ ପୁଅକୁ ଚିହ୍ନି ନପାରି ଘରକୁ ପଳାଇ ଆସିଥିଲେ। ପୁଅ ଗୁରୁତର ହୋଇ କଣିହା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ଭୀମଙ୍କ ଅନୁରୋଧ ଏବଂ ଲିଖିତ ରାଜିନାମାକୁ ନେଇ ମୃତଦେହ ହସ୍ତାନ୍ତର କରାଯାଇଥିଲା। ମୃତଦେହ ଗ୍ରାମ ନିକଟସ୍ଥ ବାଙ୍କିଲି ନାଳ ଜୋରାଡ଼ଙ୍ଗା ଗ୍ରାମର ସଂରକ୍ଷିତ ଜଙ୍ଗଲରେ ପୋତା ଯାଇଥିଲା। ଉକ୍ତ ଘଟଣାକୁ ନେଇ ମୃତକଙ୍କ ମା’ ରଜନୀ ନାଏକ (୩୫) ଗ୍ରାମର ଜଣେ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି ଏହି ଘଟଣାକୁ ନେଇ ଅଭିଯୋଗ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ୧୩୪/୨୪ରେ ମାମଲା ରୁଜୁ ହୋଇଥିଲା। ଏହିଭଳି ସ୍ୱର୍ଶକାତର ପ୍ରସଙ୍ଗକୁ ନେଇ ସାଇଣ୍ଟିଫିକ ଟିମ ସହିତ ମାଜିଷ୍ଟ୍ରେଟ ଅନୁପ ପରମଗୁରୁଙ୍କ ଉପସ୍ଥିତିରେ ମୃତଦେହ ଖୋଳାଯାଇ ବାହାର କରାଯିବା ସହ ତଦନ୍ତ ଜାରି ରହିଛି।

# କାମାକ୍ଷାନଗରରେ ପହଞ୍ଚିଲା ଇଭିଏମ୍



**କାମାକ୍ଷାନଗର, ୧୦।୪ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପାଇଁ ଇଭିଏମ୍ ପହଞ୍ଚିଛି। ଚଳିତ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ହୋଇ ଗଲାଣି। କାମାକ୍ଷାନଗର କଲେଜରେ ବୁଧବାର ଇଭିଏମ ପହଞ୍ଚିଛି। କଡ଼ା ସୁରକ୍ଷା ଭିତରେ ଇଭିଏମ ପହଞ୍ଚିଥିବା ବେଳେ ସେଠାରେ ବିଭିନ୍ନ ରାଜନୈତିକ ଦଳର ଲୋକମାନେ ମଧ୍ୟ ଉପସ୍ଥିତ ଥିଲେ। ଇଭିଏମ ଗୁଡିକୁ କାମାକ୍ଷାନଗର କଲେଜ ଠାରେ କଡ଼ା ସୁରକ୍ଷା ଭିତରେ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି।

## ■ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ

**ଢେଙ୍କାନାଳ, ୧୦।୪ (ସମିସ) :** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଭାଗ ତରଫରୁ ବାର୍ଷିକ ଉତ୍ସବ ନୂତନ ପଠନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବରାଳ ଅଧ୍ୟକ୍ଷତା କରି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଦେବାଶିଷ ମହାନ୍ତି ଆଦିମ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ରସାୟନ ବିଜ୍ଞାନର ବିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଜାତା କୁମାରୀ ବେହେରା ଅତିଥି ପରିଚୟ ପ୍ରଦାନକରିବା ସହିତ ନିଳାଦ୍ରୀ ବିହାରୀ ଦେବତା ସମ୍ମାନର ଭିତ୍ତିପ୍ରସ୍ତାବ ଉପସ୍ଥାପନା କରିଥିଲେ। ସୁଜାତା ମହାରଣା ବିଭାଗୀୟ ମୁଖପତ୍ର ‘ଦି କାଟାଲିଷ୍ଟ’ ସମ୍ବନ୍ଧରେ ଆଲୋଚନାକ ରିଥିଲେ। ଏହି ଅବସରରେ ବିଭାଗର ପ୍ରାଚୀରପତ୍ର ଆରୋମା ଉନ୍ମୋଚିତ ହୋଇଥିଲା। ରସାୟନ ବିଜ୍ଞାନର ଆବଶ୍ୟକତା ପୂରଣ ସହିତ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ତଥା ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଚିତ୍ତରଞ୍ଜନ ସାହୁ ମତବ୍ୟକ୍ତ କରିଥିଲେ।

## ● ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲର ପଞ୍ଜୀକରଣ ଯାଞ୍ଚ

# ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବିରୋଧ

**ଅନୁଗୋଳ, ୧୦।୪(ସମିସ)**

ଅନୁଗୋଳ ପଞ୍ଚମହଲା ସ୍ଥିତ ଶ୍ରୀ ଚୈତନ୍ୟ ଟେକ୍ନୋ ସ୍କୁଲର ପଞ୍ଜୀକରଣ ଯାଞ୍ଚ ସହ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବିରୋଧ କରି ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଅନୁଗୋଳ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁଗୋଳଙ୍କୁ ଫେରାଦ୍ ହୋଇଛନ୍ତି ବିଦ୍ୟାଳୟର ଅଭିଭାବକ। ଅଭିଯୋଗ ଅନୁଯାୟୀ ସେମାନଙ୍କ ପିଲାମାନଙ୍କୁ ଗତବର୍ଷ ବିଦ୍ୟାଳୟ ପକ୍ଷରୁ ପାଠପଢ଼ା ନିମନ୍ତେ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ନେଇ ଅନୁଷ୍ଠାନ ପକ୍ଷରୁ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରିତାପର ବିଷୟ ଅଭିଭାବକଙ୍କଠାରୁ ନାମଲେଖା ବାବଦରେ ଲକ୍ଷାଧିକ ଟଙ୍କା ନେବା ସତ୍ତ୍ୱେ ଅସୁରକ୍ଷିତ ସ୍କୁଲ ବସ, ଅସୁରକ୍ଷିତ ସ୍କୁଲର ପ୍ରାଚୀର, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ହାରପିକ ଫ୍ଲୋର କ୍ଲିନରରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କର ହାତ ଧୋଇବା, ନିମ୍ନମାନର ଖାଦ୍ୟ ଓ ପାଣି ଦେବା, ଅତି ନିମ୍ନମାନର ଶିକ୍ଷା ବ୍ୟବସ୍ଥା ସହିତ ସ୍କୁଲ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିବା ସତ୍ତ୍ୱେ ନିୟମାବଳୀକୁ ଖାତିର ନ କରି କୁନି କୁନି ପିଲାମାନଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଦିଆଯାଉଛି। ସ୍କୁଲର ପଞ୍ଜୀକରଣ ସହ ସ୍କୁଲଟି ଶିକ୍ଷା ବ୍ୟବସ୍ଥାର ନିୟମ ସର୍ତ୍ତ ଭିତରେ ଆସୁଛି କି ନାହିଁ, ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚକରିବା ନିମନ୍ତେ ଅଭିଭାବକ ଦାବି କରିଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**କିଶୋରନଗର, ୧୦।୪(ସମିସ):** କିଶୋରନଗର ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ପ୍ରତାପ କୁମାର ପ୍ରଧାନ ଗତ ମାର୍ଚ୍ଚ ୩୧ ତାରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ସହ ବିତାଇଥିବା ଦିନର ସ୍ମୃତିଚାରଣ କରିଥିଲେ। ଶ୍ରୀ ପ୍ରଧାନ ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦାୟୀ ଶ୍ରୀ ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିଲେ।

## ● ଭାରତ ସଂସ୍କୃତି ଯାତ୍ରା ୨୦୨୪ ପ୍ରତିଯୋଗିତା

# ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀ ଛାତ୍ରୀଙ୍କ କୃତିତ୍ୱ

**ଅନୁଗୋଳ, ୧୦।୪(ସମିସ):** ନୃତ୍ୟଧାମ କଳା ସମିତି ଏବଂ ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକର ମିଳିତ ସହଯୋଗରେ ଶ୍ରୀଲଙ୍କାର ସ୍ୱାମୀ ବିବେକାନନ୍ଦ କଲଚରାଲ ସେଣ୍ଟର ହାଇ କମିଶନ ଅଫ ଇଣ୍ଡିଆ କଲମ୍ବୋ ଠାରେ ଭାରତ ସଂସ୍କୃତି ଯାତ୍ରା ୨୦୨୪ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ, ବାଦ୍ୟ ଏବଂ ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଅନୁଗୋଳର ସାଂସ୍କୃତିକ ଅନୁଷ୍ଠାନ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ଛାତ୍ରୀମାନେ ଗୁରୁ ଅନିତା ରାଜଗୁରୁଙ୍କ ନେତୃତ୍ୱରେ ଭାଗ ନେଇଥିଲେ। ଏଥିରେ ନାଲକୋନଗର ର ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ଚାନ୍ଦ ଓଡ଼ିଶୀ ନୃତ୍ୟ ସର୍ବକନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ତର୍ଜାତୀୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ବରିଷ୍ଠ ଓଡ଼ିଶୀ ନୃତ୍ୟ ବିଭାଗରେ ଆଶା ଅଭିଳାସା ପ୍ରଥମ ହୋଇ ବୁଦ୍ଧ ପ୍ରିୟା ହୀରକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସାଧାରଣ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଆରୁଣୀ ଅପରୂପା ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଅନ୍ତର୍ଜାତୀୟ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ଜାନୁଆରିରେ ଦୁବାଇରେ ହେବାକୁ ଥିବା ପ୍ରତିଯୋଗିତାରେ ୩ ଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଏଥିପାଇଁ ଛାତ୍ରୀମାନଙ୍କୁ ଜନସାଧାରଣ ଶୁଭେଚ୍ଛା ଜଣାଇବା ସହ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ସମ୍ପାଦକ ପଙ୍କଜ ସାମଲ ନୃତ୍ୟ ଗୁରୁ ଏବଂ ଛାତ୍ରୀମାନଙ୍କୁ ଆଗାମୀ ଦୁବାଇ ଗସ୍ତ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

